ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.147 Bhubaneswar Tuesday July 18 2023 | ୨୬ତମ ବର୍ଷ ସଂଖ୍ୟା-୧୪୭ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

# ପୁଣି ସରକାରରେ ଥଇଥାନ ହେବେ ୫୦ରୁ ଅଧିକ ବିଜେଡି ନେତା

ଭୁବନେଶ୍ୱର,୧୭।୭(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ନେତାଙ୍କ ତୁଷ୍ଟୀକରଣରେ ଲାଗିଥିବା ଶାସକ ବିଜେଡି ଏବେ ଆଉ ୫୦ରୁ ଅଧିକ ନେତାଙ୍କୁ ସରକାରୀ ପଦପଦବୀରେ ଥଇଥାନ କରିବ । ଏହି ଥଇଥାନ ସଂଖ୍ୟା ପ୍ରାୟ ଶହେ ଛୁଇଁବାର ସମ୍ଭାବନା ବି ରହିଛି । ନିର୍ବାଚନ ପୂର୍ବରୁ ଜିଲ୍ଲାସ୍ତରରେ ଦଳର ଆଗଧାଡ଼ିର ନେତାମାନଙ୍କୁ ସଂଗଠନରେ ଥଇଥାନ କରୁଥିବାବେଳେ ନୂଆ କରି ସ୍ୱତନ୍ତ୍ର ବିକାଶ ପରିଷଦରେ ସାମିଲ ୧୪ଟି ଜିଲ୍ଲାର ପଦାଧିକାରୀ ଓ ପ୍ରାୟ ୧୫ଟି ସରକାରୀ ଯୋଜନାରେ ଦଳୀୟ ନେତାମାନେ ଥଇଥାନ ହେବେ ବୋଲି ଜଣାପଡ଼ିଛି । ଗତବର୍ଷ ସେପ୍ଟେମ୍ବର, ଡିସେମ୍ବର ଓ ଏପ୍ରିଲ ମାସରେ ବିଜେଡି ନେତୃତ୍ୱ ଦଳର ପ୍ରାୟ ୧୫୦ରୁ ଅଧିକ ନେତାଙ୍କୁ ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରିଥିଲେ । ସୂଚନା ଅନୁସାରେ, ଆଦିବାସୀ ଅଂଚଳର ବିକାଶ ପାଇଁ ଗଠିତ ସ୍ୱତନ୍ତ୍ର ବିକାଶ ପରିଷଦ(ଏସଡିସି)ରେ ଗତ ମେ' ମାସରେ ଆଉ ୧୪ଟି ଜିଲ୍ଲା




ସାମିଲ ହୋଇଥିଲେ । ଏସବୁ ଜିଲ୍ଲାଗୁଡ଼ିକର ସ୍ୱତନ୍ତ୍ର ବିକାଶ ପରିଷଦରେ ଦଳୀୟ ନେତାମାନଙ୍କୁ ଥଇଥାନ କରିବା ପାଇଁ ବିଜେଡି ନେତୃତ୍ୱ ତାଲିକା ଚୂଡ଼ାନ୍ତ କରିଛନ୍ତି । ପୂର୍ବରୁ ୯ଟି ଏସଡିସି ଜିଲ୍ଲାରେ ପ୍ରାୟ ୫୦ରୁ ଦଳୀୟ ନେତାଙ୍କୁ ଥଇଥାନ କରିଥିବା ରାଜ୍ୟ ସରକାର ନୂତନ ଭାବେ ସାମିଲ ଏହି ୧୪ଟି ଜିଲ୍ଲାରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାବେ ଅତି କମରେ ୨୮ଜଣ ଦଳୀୟ ନେତାଙ୍କୁ ନିଯୁକ୍ତି ଦେବେ । ଏନେଇ ପ୍ରକ୍ରିୟା ଶେଷ ହୋଇଛି । ରାଜନୀତିକ ଦୃଷ୍ଟିରୁ ବିଜେଡି ପାଇଁ ଗୁରୁତ୍ୱପୂର୍ଣ୍ଣ ପାଲଟିଥିବା ଗଞ୍ଜାମ, କଳାହାଣ୍ଡି, ବରଗଡ଼, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ବଲାଙ୍ଗିର, ବାଲେଶ୍ୱର, ନୟାଗଡ଼, ଦେବଗଡ଼ ଓ ବୌଦ୍ଧ ଜିଲ୍ଲାର ଆଦିବାସୀ ନେତାଙ୍କୁ ଏଥିରେ ଥଇଥାନ କରିବେ ।

## ଓଡ଼ିଶାରେ ଭିଜିଲାନ୍ସ ଜବତ କରୁଛି କୋଟି କୋଟି ଟଙ୍କା-ସମ୍ପତ୍ତି: କିନ୍ତୁ ସେସବୁ ଯାଉଛି କୁଆଡ଼ ?

ଭୁବନେଶ୍ୱର,୧୭।୭(ପି.ଏନ): ରାଜ୍ୟରେ ଗୋଟିଏ ପରେ ଗୋଟିଏ ରେଡ ହେବାରେ ଲାଗିଛି । ଯେଉଁଥିରୁ କୋଟି କୋଟି ଟଙ୍କାକୁ ଜବତ କରୁଛି ଭିଜିଲାନ୍ସ ବିଭାଗ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଏବଂ ଲାଞ୍ଚ କାରବାର କାରଣରୁ ଏହି ସବୁ ରେଡ କରାଯାଉଛି । ଗତ ୬ ମାସ ମଧ୍ୟରେ ଏହି ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ୪୫ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ନଗଦ ୬ କୋଟିରୁ ଅଧିକ ଟଙ୍କା ଏବଂ ୧୦.୨ କେଜିରୁ ଅଧିକ ସୁନା ଜବତ କରିଛି ଭିଜିଲାନ୍ସ । ତେବେ ଏତେ ସାରା ଟଙ୍କା ଏବଂ ସୁନାକୁ ଦେଖିକି ଆପଣଙ୍କ ମନରେ ଅନେକ ସମୟରେ ପ୍ରଶ୍ନ ଆସିଥିବା ଏହି ସବୁ ଟଙ୍କାକୁ ଭିଜିଲାନ୍ସ ବିଭାଗ କଣ କରେ।

ଲାଞ୍ଚ ଆକାରରେ ଜବତ ହୋଇଥିବା ଟଙ୍କା:

ନିୟମ ମୁତାବକ ଯେଉଁ ଟଙ୍କା ଲାଞ୍ଚ ଆକାରରେ ଅଭିଯୁକ୍ତ ଠାରୁ ଜବତ ହୁଏ ସେହି ଟଙ୍କା ଅଭିଯୋଗକାରୀର ହୋଇଥାଏ । ଗତ ୬ ମାସ ଭିତରେ ୨୪ ଲକ୍ଷ ଲାଞ୍ଚ ଟଙ୍କା ଜବତ ହୋଇଛି । ଏହି ଟଙ୍କାକୁ ଅଭିଯୋଗକାରୀଠାରୁ ନିଆଯାଇ ସେହି ସବୁ ନୋଟ ଗୁଡ଼ିକର କ୍ରମିକ ନମ୍ବର ଗୁଡ଼ିକୁ ଭିଜିଲାନ୍ସ ଅଧିକାରୀ ଅନ୍ୟ ଦୁଇ ସରକାରୀ କର୍ମଚାରୀଙ୍କ ଉପସ୍ଥିତିରେ ଲେଖିଥାନ୍ତି । ଏହାପରେ ସେଥିରେ କେମିକାଲ ମରାଯାଇ ଅଭିଯୋଗକାରୀ ଜଣଙ୍କ ଲାଞ୍ଚ ଆକାରରେ ଅଭିଯୁକ୍ତକୁ ଦେଇଥାଏ । ଯେଉଁ ସମୟରେ ଭିଜିଲାନ୍ସ ଟିମ ରେଡ କରି ଗିରଫ କରିଥାଏ । ତେବେ ଅଭିଯୁକ୍ତକୁ କୋର୍ଟ ଚାଲାଣ ପରେ ଜବତ ହୋଇଥିବା ଟଙ୍କାକୁ ଭିଜିଲାନ୍ସ ତାର ମାଲଖାନାରେ ଷ୍ଟୋର ରୁମରେ ରଖିଥାଏ । ତେବେ ଜବତ ହୋଇଥିବା ଟଙ୍କା ଅଭିଯୋଗକାରୀର ହୋଇଥିବାରୁ ଅଭିଯୋଗକାରୀଙ୍କୁ ଅନଲାଇନ ମାଧ୍ୟମରେ ଭିଜିଲାନ୍ସ ଏସପିଙ୍କ ଆକାଉଣ୍ଟରୁ ଟଙ୍କା ପଠାଇ ଦିଆଯାଏ ।

## କଂଗ୍ରେସ ବିରୋଧରେ କୌଣସି କାମ କରିନି : ଚିରଞ୍ଜୀବ ବିଶ୍ୱାଳ

ଭୁବନେଶ୍ୱର,୧୭।୭(ପି.ଏନ): କଂଗ୍ରେସରୁ ନିଲମ୍ବନ ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଚିରଞ୍ଜୀବ ବିଶ୍ୱାଳ। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ମୁଁ କଂଗ୍ରେସ ପରିବାରରୁ ଆସିଛି । ମୋତେ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଗଲା। କଂଗ୍ରେସରୁ

## ଅଗ୍ନିବୀର (ବାୟୁ) ପଦ ପାଇଁ ଅନ୍‌ଲାଇନ୍ ଆବେଦନ ୨୭ରୁ

ଭୁବନେଶ୍ୱର, ୧୭।୭(ପିଏନ) ଭାରତୀୟ ବାୟୁସେନା ଅଗ୍ନିପଥ ଯୋଜନା ଅଧିନରେ ଜାନୁଆରୀ ୨୦୨୪ ନିମନ୍ତେ ଅଗ୍ନିବୀର (ବାୟୁ) ପଦ ପାଇଁ ଅବିବାହିତ ପୁରୁଷ ଏବଂ ମହିଳା ପ୍ରାର୍ଥୀଙ୍କଠାରୁ ଅନ୍‌ଲାଇନ୍‌ରେ ଆବେଦନପତ୍ର ଆମନ୍ତ୍ରଣ କରାଯାଉଛି । ୨୭ ଜୁଲାଇ ପୂର୍ବାହ୍ନ ୧୦ ଘଣ୍ଟାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ ଏବଂ ଅଗଷ୍ଟ ୧୭ ତାରିଖ ରାତି ୧୧ ଘଟିକା ପର୍ଯ୍ୟନ୍ତ ଏହା ଆବେଦନକାରୀଙ୍କ ନିମନ୍ତେ ଖୋଲା ରହିବ । ୨୦୦୩ ଜୁନ୍ ୨୭ରୁ ୨୦୦୬ ଡିସେମ୍ବର ୨୭ ତାରିଖ ମଧ୍ୟରେ ଜନ୍ମିତ ପ୍ରାର୍ଥୀମାନେ ଏହି ଆବେଦନ ପ୍ରକ୍ରିୟାରେ ଭାଗ ନେଇପାରିବେ । ଇଂଟରମେଡିଏଟ୍/ଯୁକ୍ତ-୨/ ତତ୍ତୁଲ୍ୟ ପରୀକ୍ଷାରେ ହାରାହାରି ୫୦ ପ୍ରତିଶତ ଏବଂ ଇଂରାଜୀରେ ପୃଥକ ଭାବେ ୫୦ ପ୍ରତିଶତ କିମ୍ବା ତିନି ବର୍ଷିଆ ଡିପ୍ଲୋମା ଇଂଜିନିୟରିଂ/ ଦୁଇବର୍ଷ ଧନ୍ଦାମୂଳକ ପାଠ୍ୟକ୍ରମରେ ଅଣଧନ୍ଦାମୂଳକ ବିଷୟ ସହିତ ହାରାହାରି ୫୦ ପ୍ରତିଶତ ଓ ଇଂରାଜୀରେ ପୃଥକ ଭାବେ ୫୦ ପ୍ରତିଶତ ନମ୍ବର ରଖିଥବା ଛାତ୍ରଛାତ୍ରୀମାନେ ଏହି ଚୟନ ପରୀକ୍ଷାରେ ଭାଗ ନେବା ନିମନ୍ତେ ଆବେଦନ କରିପାରିବେ । ଏଥି ନିମନ୍ତେ ପରୀକ୍ଷା ଦେୟ ୨୫୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଆବେଦନକାରୀମାନେ ଷttps://agnipathvayu.cdac.in ୱେବ୍ ସାଇଟ୍ ରେ ଲଗ୍‌ଇନ୍ କରି କିମ୍ବା ୦୬୭୪-୨୯୫୩୩୩୬ରେ ଯୋଗାଯୋଗ କରି ସଂପୂର୍ଣ୍ଣ ସୂଚନା ପାଇପାରିବେ ।

## ବିଜେପି ମୁଖିଆଙ୍କ ଦମ୍ଭୋକ୍ତି: ଏନଡିଏ ସପକ୍ଷରେ ୩୮ ରାଜନୀତିକ ଦଳ

ଭୁବନେଶ୍ୱର,୧୭।୭(ପି.ଏନ): ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜନୀତିକ ଦଳଗୁଡ଼ିକ ନିଜର ଶକ୍ତିପ୍ରଦର୍ଶନ ଆରମ୍ଭ କରିଦେଇଛନ୍ତି। ବେଙ୍ଗାଲୁରୁରେ ଆଜି କଂଗ୍ରେସ ସମେତ ୨୬ଟି ବିରୋଧୀ ଦଳ ବିଜେପି ବିରୋଧରେ ଏକାଠି ହୋଇଛନ୍ତି। ସେପଟେ ବିଜେପି ମଧ୍ୟ ନିଜର ବଳ ଦେଖାଇବାକୁ ରଣନୀତି ପ୍ରସ୍ତୁତ କରିଛି। ବିରୋଧୀଙ୍କ କ୍ୟାମ୍ପରେ ୨୬ଟି ଦଳ ଥିବା କଂଗ୍ରେସ ଦାବି କରୁଥିବା ବେଳେ ବିଜେପି ଆଉ ପାଦେ ଆଗେଇ ଯାଇଛି। ବିଜେପି ନେତୃତ୍ୱାଧୀନ ଏନଡିଏକୁ ୩୮ଟି ରାଜନୀତିକ ଦଳ ସମର୍ଥନ କରୁଥିବା ଖୋଦ୍ ପଦ୍ମ ଦଳର ମୁଖିଆ ଜେପି ନଡ୍ଡା ଆଜି ଦମ୍ଭୋକ୍ତି କରିଛନ୍ତି। କଂଗ୍ରେସ ସମେତ ୨୬ଟି ବିରୋଧୀ




ଦଳର ନେତାମାନେ ଆଜିଠୁ ବେଙ୍ଗାଲୁରୁରେ ୨ ଦିନିଆ ବୈଠକ ଆରମ୍ଭ କରିଛନ୍ତି। ଆସନ୍ତାକାଲି ବିଜେପି ନେତୃତ୍ୱାଧୀନ ଏନଡିଏ ଦିଲ୍ଲୀରୁ ତା'ର ବଳ ଦେଖାଇବ। ଏଥିରେ ୩୮ଟି ଦଳ ସାମିଲ ହେବେ ବୋଲି ଶ୍ରୀ ନଡ୍ଡା ଆଜି ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି।

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ମାର୍କେଟ ବିଲ୍ଡିଂ

ଭୁବନେଶ୍ୱର,୧୭।୭(ପି.ଏନ): ରାଜଧାନୀ ଭୁବନେଶ୍ୱରର ଉପକଣ୍ଠରେ ଥିବା ୟୁନିଟ-୨ ମାର୍କେଟ ବିଲ୍ଡିଂକୁ ନେଇ ଚାଲିଛି ଜୋରଦାର ଚର୍ଚ୍ଚା । ତେବେ ଏହା ଜାଣିବା ପରେ ସ୍ଥାନୀୟ ବାସିନ୍ଦା ଏବଂ ଗ୍ରାହକଙ୍କ ପାଇଁ ଚିନ୍ତା ବଢ଼ିଯାଇଛି । ଭୁବନେଶ୍ୱରରେ ବିଭିନ୍ନ ଘର ଉପକରଣ ହେଉ କିମ୍ବା ପୋଷାକ ପତ୍ର ଇତ୍ୟାଦି ଜିନିଷ କମ୍ ମୂଲ୍ୟରେ ପାଇବାକୁ ହେଲେ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଛି ୟୁନିଟ-୨ ମାର୍କେଟ ବିଲ୍ଡିଂ । ତେବେ ଏହି ମାର୍କେଟ ବିଲ୍ଡିଂକୁ ବର୍ତ୍ତମାନ ବନ୍ଦ କରି ଦିଆଯାଇଛି । ଏଠାରେ ଅନେକ ବୁଲା ବିକାଳୀଙ୍କ ଅନଧିକୃତ ପ୍ରବେଶକୁ ନେଇ ସ୍ଥାୟୀ ଦୋକାନ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେଣୁ ଏହାକୁ ରୋକିବା ପାଇଁ ସେମାନେ ଦାବି କରିଛନ୍ତି । ସୂଚନା ଅନୁସାରେ, ମାର୍କେଟ ଭିତରକୁ ପ୍ରବେଶ ପାଇଁ ଅନୁମତି ନଥିବା ବୁଲାବିକାଳୀ ମାନଙ୍କୁ କେବଳ ଭର୍ଚୁଆଲ ମାଧ୍ୟମରେ ବନ୍ଦ କରିବା ପାଇଁ କୁହାଯାଇଥିଲା, ଯାହାପରେ ସେମାନେ ଏବେ ଅସ୍ଥାୟୀ ଭାବରେ ନିଜ ପସରା ଖୋଲି ବସୁଛନ୍ତି । ଏହାସହିତ ମାର୍କେଟର ବିଭିନ୍ନ ସ୍ଥାନରେ ଏଣେତେଣେ ଅଳିଆ ଆବର୍ଜନା ପକାଇ ପରିବେଶ ନଷ୍ଟ କରୁଥିବା ସେ ଅଭିଯୋଗ ଆଣିଛନ୍ତି । ତେଣୁ ଏହାଦ୍ୱାରା ଦୋକାନୀଙ୍କ ସହ ବହୁ ପରିମାଣରେ ଆସୁଥିବା ଗ୍ରାହକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ବାରମ୍ବାର ଏ ନେଇ ଅଭିଯୋଗ ପରେ ମଧ୍ୟ ଏହାକୁ ଦେଖି ନ ଦେଖିଲା ଭଳି ରହୁଛି ବିଏମସି । ତେଣୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦୋକାନସବୁ ବନ୍ଦ କରିବା ପାଇଁ ନିଷ୍ପତି ନିଆଯାଇଛି । ସେପଟେ ଖୁବଶୀଘ୍ର ସମସ୍ୟାର ସମାଧାନ ନକଲେ ସମସ୍ତ ଦୋକାନୀ ଏବଂ ସେମାନଙ୍କ ପରିବାର ମିଶି ମେୟରଙ୍କ ପରିବାର ସମ୍ମୁଖରେ ପ୍ରତିବାଦ କରିବେ । ଏହାସହିତ ମାର୍କେଟ ବିଲ୍ଡିଂର ସମସ୍ତ ସ୍ଥାୟୀ ଦୋକାନ ବନ୍ଦ କରିବା ନେଇ ଚେତାବନୀ ଦେଇଛନ୍ତି ।

## ନଷ୍ଟ କରାଗଲା ୨୪ ଶହ କୋଟିର ଡ୍ରଗ୍ସ

ନୂଆଦିଲ୍ଲୀ,୧୭।୭(ପି.ଏନ): ଗୋଟିଏ ଥରରେ ନଷ୍ଟ କରାଯାଇଛି ୧,୪୪,୦୦୦ କେଜିର ଡ୍ରଗ୍ସ। ଏହାର ମୂଲ୍ୟ ୨୩୭୮ କୋଟି ଟଙ୍କା ହେବ। ନୂଆଦିଲ୍ଲୀରେ ଡ୍ରଗ୍ସ ଟ୍ରାଫିକିଂ ଆଣ୍ଡ ନ୍ୟାସନାଲ ସିକ୍ୟୁରିଟିର ରିଜିଓନାଲ କନଫରେନସ ଅବସରରେ ଏହି ସୂଚନା ଦେଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ରେଡ୍ ବେଳେ ବିଭିନ୍ନ ସ୍ଥାନରୁ ଜବତ ହୋଇଥିବା ଏତେ ପରିମାଣର ଡ୍ରଗ୍ସକୁ ବିଭିନ୍ନ ସହରରେ ନଷ୍ଟ କରାଯାଇଛି। ଭିଡିଓ କନଫରେନସିଂରେ ନିଜେ ଶ୍ରୀ ଶାହ ଏହାର




ଲାଇଭ ଚିତ୍ର ଦେଖିବା ସହ ପୂରା ସ୍ଥିତିକୁ ନିରୀକ୍ଷଣ କରିଛନ୍ତି। ଜବତ ହୋଇଥିବା ଡ୍ରଗ୍ସକୁ ନଷ୍ଟ କରାଯାଇଥିବାରୁ ସେ ବିଭିନ୍ନ ରାଜ୍ୟ ଓ ନାର୍କଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନସିବି)କୁ ଧନ୍ୟବାଦ ଦେଇଛନ୍ତି।

## ୨୦ ଯାଏଁ ଲଘୁଚାପ : ରାଜ୍ୟରେ ଲାଗି ରହିବ ବର୍ଷା

ଭୁବନେଶ୍ୱର,୧୭।୭(ପି.ଏନ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡିଶା ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରବିବାର ଦିନ ଉତ୍ତର ଓଡିଶା ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡଖଣ୍ଡ ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ଏହାସହ ଜଡିତ ଘୂର୍ଣ୍ଣିବଳୟଟି ବାୟୁମଣ୍ଡଳର ମଧ୍ୟଭାଗ ପର୍ଯ୍ୟନ୍ତ ବ୍ୟାପିଥିବା ବେଳେ ଦକ୍ଷିଣ-ପଶ୍ଚିମ ଆଡକୁ ଢଳି ରହିଛି। ଏହାର ପ୍ରଭାବରେ ରାଜ୍ୟରେ କେତେକ ଜିଲ୍ଲାରେ ବର୍ଷା ଜାରି ରହିଛି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା । ଏଥିସହ ରାଜ୍ୟରେ ମୌ?ସୁମୀ ସକ୍ରିୟ ରହିଛି । ଏନେଇ ପାଣିପାଗ ବିଭାଗ ରାଜ୍ୟର ଅଧିକାଂଶ ଜିଲ୍ଲାରେ ସୋମବାର ଦିନ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି । ଆସନ୍ତା ୧୮ ତାରିଖ ଆଡକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବା ନେଇ ସତର୍କ ସୂଚନା ଜାରି କରାଯାଇଛି।

## ଭକ୍ତଙ୍କ ବିଶ୍ୱାସ ଓ ଅସ୍ଥା ଉପରେ ଭୟଙ୍କର କୁଠାରାଘାତ, ମତ ନନେଇ ୩ ଦ୍ୱାର ଦେଇ ପ୍ରବେଶ ବନ୍ଦ

ଭୁବନେଶ୍ୱର,୧୭।୭(ପି.ଏନ): ଭକ୍ତଙ୍କ ବିଶ୍ୱାସ ଓ ଅସ୍ଥା ଉପରେ ଭୟଙ୍କର ଆଘାତ ଦେଉଛନ୍ତି ସରକାର। ଶ୍ରୀମନ୍ଦିର ପ୍ରଶାସନ ଓ ଆଇନ ବିଭାଗ ମଧ୍ୟ ଭକ୍ତ ବିଶ୍ୱାସ ଓ ଆସ୍ଥା ସହ ଖେଳ ଖେଳିବାକୁ କୌଣସି ମଉକା ଛାଡୁନି। ଭକ୍ତଙ୍କ ମତ ନ ନେଇ ପ୍ରଥମେ ଶ୍ରୀମନ୍ଦିର ସିଂହାସନ ପାଖକୁ ଯାଇ ଠାକୁରଙ୍କୁ ପ୍ରାର୍ଥନା କରିବାର ଶାସ୍ତ୍ରୀୟ ବିଧାନକୁ ଦଳି ଦିଆଗଲା। ପରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତିର ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ ପ୍ରସ୍ଥାନର ବାଟକୁ ବନ୍ଦ କରିଦିଆଯାଇଛି। ବିଭିନ୍ନ ଆଳ ଦେଖାଇ ଓ ପ୍ରଶାସନିକ କ୍ଷମତାର ଦୁରୁପଯୋଗ କରି ଭକ୍ତଙ୍କ ଉପରେ ଏଭଳି ଦାଉସାଧୁଛନ୍ତି ସରକାର ଓ ପ୍ରଶାସନିକ କର୍ତ୍ତୃପକ୍ଷ। ଫଳରେ ଉହଡ଼ଉହଡ଼ ଖରା ହେଉ କି ଢ଼ୁ ଢ଼ୁ ବର୍ଷା। ଶ୍ରୀମନ୍ଦିର ଯିବାକୁ ନିଇତି ଦହଗଞ୍ଜ ହେଉଛନ୍ତି ପୁରୀ



ବାସିନ୍ଦା, ବୟସ୍କ ଭକ୍ତ, ମହିଳା ଓ ଶିଶୁ। କେବଳ ସିଂହଦ୍ୱାରକୁ ଛାଡ଼ି ଅନ୍ୟ କୌଣସି ଦ୍ୱାର ବାଟେ ଭକ୍ତଙ୍କୁ ଛଡ଼ାଯାଉନଥିବାରୁ ତେଜୁଛି ଆନ୍ଦୋଳନ। ଏମିତିକି ଏଥିପାଇଁ ୧ ଲକ୍ଷ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିବାବେଳେ ଶୀଘ୍ର ଚାରିଦ୍ୱାର ନଖୋଲିଲେ ଆନ୍ଦୋଳନ ଜୋରଦାର କରିବାକୁ ସେବାୟତ ଓ ପୁରୀ ବାସିନ୍ଦା ଚେତାବନୀ ଦେଲେଣି। ଏଣେ ଏପ୍ରସଙ୍ଗରେ ଆଇନମନ୍ତ୍ରୀ ବଲ୍ ଶ୍ରୀମନ୍ଦିର ପ୍ରଶାସନ କୋର୍ଟକୁ ଫିଙ୍ଗିଛନ୍ତି।

## ୯ ମାସର ଶିଶୁପୁତ୍ରକୁ ଧରି କୂଅକୁ ଡେଇଁଲା ମା'

ଭୁବନେଶ୍ୱର,୧୭।୭(ପି.ଏନ): ୯ ମାସର ଶିଶୁପୁତ୍ରକୁ ଧରି କୂଅକୁ ଡେଇଁଲା ମା'। କୂଅରେ ପଡି ଶିଶୁପୁତ୍ର ମୃତ ହୋଇଥିବା ବେଳେ ଅଗ୍ନିଶମ ବାହିନୀ ଦ୍ୱାରା ମା' ଉଦ୍ଧାର ହୋଇଛି। ପାରିବାରିକ କଳହରୁ କଟକ ଜିଲ୍ଲାର ନରସିଂହପୁର ବ୍ଲକ ବାଲିସାହି ନୂଆଗାଁ ଖମାରରେ ଆଜି ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଛି। ମହିଳା ଜଣକ ଏକ ପରିତ୍ୟକ୍ତ କୂଅକୁ ଶିଶୁକୁ ଧରି ଡେଇଁ ପଡିବା ପରେ ଲୋକେ ନରସିଂହପୁର ଅଗ୍ନିଶମ ବାହିନୀକୁ ଉଦ୍ଧାର କାର୍ଯ୍ୟ ନିମନ୍ତେ ସହାୟତା ଲୋଡିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମହିଳା ଓ ଶିଶୁ ପୁତ୍ରକୁ କୂଆ ଭିତରୁ ଉଦ୍ଧାର କରି ବାହାରକୁ ଆଣିଥିଲା।

## ୨୦ ଯାଏଁ ଲଘୁଚାପ : ରାଜ୍ୟରେ ଲାଗି ରହିବ ବର୍ଷା

ଭୁବନେଶ୍ୱର,୧୭।୭(ପି.ଏନ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡିଶା ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରବିବାର ଦିନ ଉତ୍ତର ଓଡିଶା ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡଖଣ୍ଡ ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ଏହାସହ ଜଡିତ ଘୂର୍ଣ୍ଣିବଳୟଟି ବାୟୁମଣ୍ଡଳର ମଧ୍ୟଭାଗ ପର୍ଯ୍ୟନ୍ତ ବ୍ୟାପିଥିବା ବେଳେ ଦକ୍ଷିଣ-ପଶ୍ଚିମ ଆଡକୁ ଢଳି ରହିଛି। ଏହାର ପ୍ରଭାବରେ ରାଜ୍ୟରେ କେତେକ ଜିଲ୍ଲାରେ ବର୍ଷା ଜାରି ରହିଛି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା । ଏଥିସହ ରାଜ୍ୟରେ ମୌ?ସୁମୀ ସକ୍ରିୟ ରହିଛି । ଏନେଇ ପାଣିପାଗ ବିଭାଗ ରାଜ୍ୟର ଅଧିକାଂଶ ଜିଲ୍ଲାରେ ସୋମବାର ଦିନ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ।

# ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଓଡ଼ିଶାର ସହରାଂଚଳ ଜଳମଗ୍ନ : ବିଜେପି

ଭୁବନେଶ୍ୱର, ୧୭।୭(ପି.ଏନ) ରାଜ୍ୟ ସରକାରଙ୍କ ଅପାରଗତା ଓ ସ୍ଥାଣୁତା କାରଣରୁ ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରାଂଚଳ ବାସିନ୍ଦା ଆଜି ପାଣି ଘେରରେ । ନଦୀ ଶୁଖିଲା ପଡିଛି, କିନ୍ତୁ ମନୁଷ୍ୟକୃତ ବନ୍ୟାରେ ସମଗ୍ର ଓଡିଶା ଆଜି ଜଳମଗ୍ନ ହୋଇପଡିଛି । ବର୍ଷା ଦିନ ପୂର୍ବରୁ ପ୍ରଶାସନ ନଦୀବନ୍ଧର ସୁରକ୍ଷା ତଥା ସହରାଂଚଳର ପାଣି ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନକରିଥିବା କାରଣରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଭୁବନେଶ୍ୱର ଓ କଟକ ମହାନଗରରେ ଏଭଳି ଜଳବନ୍ଦୀ ସମସ୍ୟା ଆସିବା ପୂର୍ବରୁ ମେୟର ଓ ଅନ୍ୟମାନେ ସର୍ବଦଳୀୟ ବୈଠକ ଡାକିବା, ସମସ୍ତ ବିଭାଗ ସହିତ ସମନ୍ୱୟ ରଖି ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରିବର୍ତ୍ତେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ସିଙ୍ଗାପୁରରେ ସମୟ କଟାଉଥିଲେ। ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଅସରାଏ ବର୍ଷାରେ ଭୁବନେଶ୍ୱର, କଟକ, ଭଦ୍ରକ ସମେତ ଅନ୍ୟାନ୍ୟ ସହରାଂଚଳରେ ରାସ୍ତା ଉପରେ ପାଣି ଲହଡି ମାରିବା ସହ ମୁକୁଳା ଡ୍ରେନରେ ପଡି ଲୋକଙ୍କ ଜୀବନ ଯାଉଛି। ଗତକାଲି କଟକରେ ଜଣେ ୨୧ ବର୍ଷୀୟ ଯୁବକ ଖୋଲା ଡ୍ରେନରେ ପଡିଯାଇ ମୃତ୍ୟୁ ହେବା ଅତ୍ୟନ୍ତ ଦୁଃଖଦ ଘଟଣା । ଜଳବନ୍ଦୀରୁ ଭୁବନେଶ୍ୱରବାସୀଙ୍କୁ ରକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ ୨୦୧୪ରେ ଘୋଷଣା କରିଥିଲେ ଏବଂ ଏଥି ପାଇଁ ୨୦୧୮ ମସିହାରେ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହି ଟଙ୍କା ଯଦି ଖର୍ଚ୍ଚ ହୋଇଛି ତାହାଲେ ଅସରାଏ ବର୍ଷାରେ କାହିଁକି ରାଜଧାନୀ ଜଳବନ୍ଦୀ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ।ରାଜଧାନୀରେ ୧୦ଟି ପ୍ରାକୃତିକ ଡ୍ରେନ ସମେତ ଗଙ୍ଗୁଆ ନାଳ ଯାହାକି ଜଳ ନିଷ୍କାସନ କରିଥାଏ। ଏହି ନାଳ ଗୁଡିକ ଉପରେ ବେଆଇନଭାବେ ଜମି ମାଫିଆ ଓ ଅନ୍ୟମାନେ ଜବରଦଖଲ କରି ବିଭିନ୍ନ ଅଟାଳିକା ତିଆରି କରିବା ଫଳରେ ଆଜି ଏଭଳି ସମସ୍ୟା ଉପୁଜିଛି। ସରକାରୀ ଦଳ ନେତାଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ମାଫିଆମାନେ ଏହି ଡ୍ରେନ ଗୁଡିକୁ ବେଆଇନ ଭାବେ ଜବରଦଖଲ କରିଛନ୍ତି ।ମେୟର, ନଗରପାଳ, ପୌର କର୍ତୃପକ୍ଷ, ସରକାରଙ୍କ ପୂର୍ତ୍ତ, ବିଜୁଳି, ନଗର ଉନ୍ନୟନ, ଜଳସେଚନ ଆଦି ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି । ଠିକାଦାର, ସରକାରୀ ଦଳର ନେତା, ମନ୍ତ୍ରୀ ଏବଂ ପ୍ରଶାସନିକ ଅଧିକାରିଙ୍କ ଅସାଧୁ ମେଂଟରେ ୫୦-୫୦ ପିସିରେ ରାସ୍ତା ଓ ଡ୍ରେନ ନିର୍ମାଣ କରାଯାଉଛି । ମୁଖ୍ୟମନ୍ତ୍ରୀ ଜନଶୁଣାଣୀର ନୂଆ ଭେଳିକି ଆରମ୍ଭ କରିଛନ୍ତି। ବର୍ଷା ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ କାହିଁକି ସମୀକ୍ଷା କରିଲେ ନାହିଁ ? ମୁଖ୍ୟମନ୍ତ୍ରୀ କ'ଣ ଅଜ୍ଞାତ ବାସରେ ଅଛନ୍ତି କି? ଯଦି ତାଙ୍କର ବ୍ୟକ୍ତିଗତ ସଚିବଙ୍କୁ ବିଭିନ୍ନ ଜିଲ୍ଲା ବୁଲାଇ ଜନଶୁଣାଣୀ କରିବା ପାଇଁ ପଠାଉଛନ୍ତି, ତାହେଲେ ପାଣି ଘେରରେ ଥିବା ସହରାଂଚଳବାସିନ୍ଦାଙ୍କ ସମସ୍ୟାର ଜନଶୁଣାଣୀ କେବେ ହେବ? ତଥାକଥିତ "ଟି-କନସେପ୍ଟ"ରେ ଜଳବନ୍ଦୀ ସମସ୍ୟାର ସମାଧାନ ଆସୁଛି ନା ନାହିଁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ସାମାନ୍ୟ ବର୍ଷା ପାଣିରେ ବୈତରଣୀରେ ନଦୀ ବନ୍ଧ ଭାଙ୍ଗିବା, ଜଗତସିଂହପୁର ମାଛଗାଁ କେନାଲ ବନ୍ଧ ଭାଙ୍ଗିଯିବା ଘଟଣା ଜଳସେଚନ ବିଭାଗରେ ବ୍ୟାପକ ଦୁର୍ନିତୀକୁ ପ୍ରମାଣିତ କରିଛି । ବର୍ତ୍ତମାନ ସୁଦ୍ଧା ଏହି ନଦୀବନ୍ଧ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ରାଜ୍ୟ ସରକାର ମନୁଷ୍ୟକୃତ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନକରିଲେ ଆଗାମୀ ଦିନରେ ବିଜେପି ତରଫରୁ ବିଏମସି, ସିଏମସି ସମେତ ରାଜ୍ୟର ସମସ୍ତ ମ୍ୟୁନିସପାଲଟି ଅଫିସ ଆଗରେ ବିକ୍ଷୋଭ କରାଯିବ ବୋଲି ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଚକ୍ରାନ୍ତରୁ କଂଗ୍ରେସକୁ ବଂଚାଇବାକୁ ଆହ୍ୱାନ ଦେଲେ ଚିରଞ୍ଜୀବ, ଅନ୍ୟ ଦଳକୁ ଯିବାର ବିକଳ୍ପ ଖୋଲା ରଖିଲେ

ଭୁବନେଶ୍ୱର,୧୭।୭(ପି.ଏନ): ଦୀର୍ଘ ୨୩ବର୍ଷ ହେଲା କଂଗ୍ରେସ ରାଜ୍ୟରେ କ୍ଷମତାରେ ନାହିଁ । ଯେଉଁ ଜିଲ୍ଲାରେ ବି କଂଗ୍ରେସ ସବଳ ରହିଛି ସେଠାରେ ସଂଗଠନକୁ ଦୁର୍ବଳ କରିବା ପାଇଁ କୁଚକ୍ରୀ ଗୋଷ୍ଠୀଙ୍କ ଦ୍ୱାରା ଚକ୍ରାନ୍ତ କରାଯାଉଛି । ସେମାନଙ୍କ ଚକ୍ରାନ୍ତରେ ମୋତେ ଦଳରୁ ନିଲମ୍ବନ କରାଯାଇଛି । ତେଣୁ କଂଗ୍ରେସକୁ ବଂଚାଇବା ପାଇଁ ଦଳର ନେତା, କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଏକଜୁଟ ହୁଅନ୍ତୁ" । ଆଜି ଏଭଳି କିଛି ଅପିଲ୍ କରିଛନ୍ତି କଂଗ୍ରେସରୁ ନିଲମ୍ବିତ ପୂର୍ବତନ ବିଧାୟକ ତଥା ପୂର୍ବତନ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ । ଏହାସହିତ ସେ ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସ୍ପଷ୍ଟ କରିଛନ୍ତି । ତେବେ କେଉଁ ଦଳରୁ ଲଢ଼ିବେ ତାହା ସ୍ପଷ୍ଟ ନକରି ସମସ୍ତ ବିକଳ୍ପ ଖୋଲା ରହିଛି ବୋଲି ସଙ୍କ?ତ ଦେଇଛନ୍ତି । ଦଳ ବିରୋଧୀ କାର୍ଯ୍ୟ ଯୋଗୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିଶରେ ଏଆଇସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଗତ ୧୫ତାରିଖରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ଓ ଚିରଞ୍ଜୀବ ବିଶ୍ୱାଳଙ୍କୁ ଦଳରୁ ନିଲମ୍ବନ କରିଥିଲେ । ଏହି ନିଲମ୍ବନ ନିଷ୍ପତ୍ତି ଉପରେ ଗତ ଦୁଇଦିନ ଧରି ନିରବ ଥିବା ଚିରଞ୍ଜୀବ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ନିଜର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ତାଙ୍କ ବିରୁଦ୍ଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ସେ ଭୟ କରୁନାହାନ୍ତି । ଏହା ତାଙ୍କ ସ୍ୱାଭିମାନକୁ ଆଘାତ ଦେଇଛି । କଂଗ୍ରେସର ସେ ଜଣେ ଶୃଙ୍ଖଳିତ କର୍ମୀ। ନିଲମ୍ବନ ଆଦେଶ ତାଙ୍କୁ ଦାରୁଣ ଆଘାତ ଦେଇଛି ।









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଲୋକନୃତ୍ୟ 'ରଣପା': ଏକ ଅନୁଶୀଳନ



ଓଡ଼ିଶା ହେଉଛି କଳା ଓ ସଂସ୍କୃତିରେ ପରିପୂର୍ଣ୍ଣ ଏକ ରାଜ୍ୟ। ବିଶେଷକରି ଏହାର ଲୋକ ସଂସ୍କୃତି ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଆସିଛି। ଓଡ଼ିଶା ପ୍ରଦେଶର ଦକ୍ଷିଣ ଦିଗରେ ଥିବା ଗଞ୍ଜାମ ଜିଲ୍ଲା 'ଲୋକସଂସ୍କୃତି'ର ଏକ ଲୀଳାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ସୀମାନ୍ତ ଅଞ୍ଚଳରେ ଅବସ୍ଥାପିତ ହୋଇଥିବା ହେତୁ; ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ଏହା ମିଳନସ୍ଥଳ। ପୁଣି ଏହାର ଏକ ଚତୁର୍ଥାଂଶ ଅଧିବାସୀ ହେଉଛନ୍ତି ବନବାସୀ। ତେଣୁ ଆର୍ଯ୍ୟ-ଦ୍ରାବିଡ଼ ଓ ଆଦିମ ଅଧିବାସୀଙ୍କ ମିଳିତ ସଂସ୍କୃତିର ଚିତ୍ର ଏ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଗଞ୍ଜାମ ଅଞ୍ଚଳର ଲୋକସଂସ୍କୃତି ଅଧ୍ୟୟନ କଲାବେଳେ ମୁଖ୍ୟତଃ ଏହାର ଲୋକନାଟକ ଦର୍ଶକମାନଙ୍କୁ ବିଶେଷ ଆନନ୍ଦ ପ୍ରଦାନ କରିଥାଏ। ଏଥିରେ ଚିତ୍ତବିନୋଦନ ସହିତ ସମକାଳୀନ ସାମାଜିକ ରୀତିନୀତି, ଲୋକଚରିତ୍ର ଓ ଧର୍ମବିଶ୍ୱାସ ପ୍ରଭୃତି ରୂପାୟିତ ହୋଇଥାଏ। ଗଞ୍ଜାମ ଅଞ୍ଚଳର ଲୋକନାଟକ ଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମତଃ ଏ ଅଞ୍ଚଳର ଅନେକ ନାଟକ; ନାଟ୍ୟଧର୍ମ ବା ଏକ ନିର୍ଦ୍ଦିଷ୍ଟ ରୀତିରେ ପରିବେଷଣ କରାଯାଏ। ପ୍ରହ୍ଲାଦ ନାଟକ, ରାମନାଟକ ଆଦି ଏହି ଶ୍ରେଣୀର ନାଟକ। ଯାହା ମଞ୍ଚ, ସଙ୍ଗୀତ, ବାଦ୍ୟ ଓ ଅଭିନୟରେ ଶାସ୍ତ୍ରୀୟଧାରାକୁ ଅନୁସରଣ କରିଥାଏ। ଅନ୍ୟ କେତେକ ନାଟକରେ ନୃତ୍ୟର ଗୁରୁତ୍ୱ ରହିଥାଏ। ସଖୀନାଚ, ଗାହାଣ, ପାଇକନାଚ, ଲଉଡ଼ିନାଚ, ଢଣକୋଇଲା, ଇତ୍ୟାଦି ଏହି ଶ୍ରେଣୀର। ଏହି ନାଚ ଗୁଡ଼ିକରେ ମଣିଷର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ପ୍ରକାଶ ଲାଭ କରିଥାଏ। ସେହିପରି ଲୋକଧର୍ମକୁ ଆଧାର କରି ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳା, ଲକ୍ଷ୍ମୀପୂରାଣ, ଭାରତଲୀଳା ଆଦି ଦେଖିବାକୁ ମିଳିଥାଏ। ଏହାସହ ଲୋକ ପ୍ରକାଶଧାରାକୁ ନେଇ ସୃଷ୍ଟି ହୋଇଥିବା ନାଟରେ ବାଘନାଚ, ଚଢ଼େୟାନାଚ, ରଣପା ନୃତ୍ୟ, କେଳାକେଳୁଣୀ



ଓ ରାଜାରାଣୀ ନାଟ, ବାଉଁଶରାଣୀ ଆଦି ପ୍ରଧାନ। ଏସବୁ ଭିତରେ 'ରଣପା' ନୃତ୍ୟ ଏକ ସ୍ୱତନ୍ତ୍ର ପ୍ରକାରର ନୃତ୍ୟ। ଗଞ୍ଜାମର ବହୁ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ। ଏଠାରେ ଅରଣ୍ୟ ଜୀବନ ସହ ସମତଳ ଓ ଉପକୂଳ ଅଞ୍ଚଳ ମିଶି ରହିଛି। କିନ୍ତୁ ଅରଣ୍ୟ ପରିବେଷ୍ଟିତ ହୋଇଥିବା ହେତୁ ଏଠାକାର ନୃତ୍ୟରେ ଆରଣ୍ୟକ ଅନୁଭୂତି ପ୍ରତିଫଳିତ ହେବା ସ୍ୱାଭାବିକ। ଏପରି ଏକ ଅନୁଭୂତିକୁ ନେଇ 'ରଣପା' ନୃତ୍ୟ ଏ ଅଞ୍ଚଳରେ ବେଶ୍ ପ୍ରଭାବ ବିସ୍ତାର କରିଥିବା ଅନୁଭବ କରିହୁଏ ।

'ରଣପା' ଶବ୍ଦଟି 'ରଣ' ଓ 'ପା'ର ସମାହାର। 'ରଣ' କହିଲେ ଯୁଦ୍ଧ ଓ 'ପା' କହିଲେ ପାଦକୁ ବୁଝାଏ। ଦୁଇଟି ବାଉଁଶବାଡ଼ିରେ ଏ ନୃତ୍ୟ ପ୍ରଦର୍ଶନ କରାଯାଏ। ଦୁଇଟି ବାଉଁଶବାଡ଼ିରେ ଦୁଇଟି ଛୋଟ କାଠି ବନ୍ଧାଯାଇ ତା' ଉପରେ ପାଦରଖି ନୃତ୍ୟ କରାଯାଏ। ପୌରାଣିକ କାହାଣୀ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ବାଲ୍ୟକାଳରେ ଗୋପପୁରର ଗଉଡ଼ ବାଳକମାନଙ୍କ ସହ ଗାଈ ଚରାଉଥିଲେ। ଦ୍ୱାପର ଯୁଗ ସବୁଆଡ଼େ ଥିଲା ବଣଜଙ୍ଗଲରେ ପରିପୂର୍ଣ୍ଣ। ପଥ ଥିଲା କଣ୍ଟକିତ ଓ ସରୀସୃପଙ୍କ ଦ୍ୱାରା ବିପଦସଂକୁଳ। ତେଣୁ ମାତା ଯଶୋଦା ଶ୍ରୀକୃଷ୍ଣଙ୍କ ସୁରକ୍ଷା ପାଇଁ ଦୁଇଗୋଟି ବାଉଁଶ ଆଣି ସେଥିରେ କାଠିକୁ ଶିଆଳି ଲତାଦ୍ୱାରା ବାନ୍ଧି ତା' ଉପରେ ପାଦରଖି ଗାଈ ଚରାଇବାକୁ ଯିବା ନିମନ୍ତେ ଶ୍ରୀକୃଷ୍ଣଙ୍କୁ ପ୍ରସ୍ତୁତ କରାଉଥିଲେ। ଗାଈ ଚରାଇବାବେଳେ ସମୟ କାଟିବା ପାଇଁ ଶ୍ରୀକୃଷ୍ଣ ବିଭିନ୍ନ ଭଙ୍ଗୀ ପ୍ରଦର୍ଶନକରି ସାଥୀମାନଙ୍କୁ ଆମୋଦିତ କରୁଥିଲେ। ବିଭିନ୍ନ ଉପକରଣ ଓ ବଂଶୀଧ୍ୱନୀ ମାଧ୍ୟମରେ ଶବ୍ଦ ସୃଷ୍ଟି କରାଯାଉଥିଲା। ବିଶ୍ୱାସ କରାଯାଏ; ଶ୍ରୀକୃଷ୍ଣଙ୍କ ଏହି ମାନବଲୀଳାକୁ ଦେଖିବାପାଇଁ ସ୍ୱର୍ଗରୁ ଦେବତାମାନେ ମଧ୍ୟ ଆସୁଥିଲେ। କ୍ରମେ ଏହା ଏକ ଲୋକନୃତ୍ୟର ରୂପଧାରଣ କରିଥିଲା। ଅନ୍ୟ କେତେଜଣ ମତବ୍ୟକ୍ତ କରନ୍ତି ଯେ; ପ୍ରାଚୀନ କଳିଙ୍ଗର ଅଧିବାସୀ ଥିଲେ ସମରପ୍ରିୟ। ପ୍ରାଚୀନ କଳିଙ୍ଗ କହିଲେ ଆଧୁନିକ ଓଡ଼ିଶାର ଦକ୍ଷିଣ ଭାଗକୁ ବୁଝାଏ। ଏ ଅଞ୍ଚଳସବୁ ଥିଲା ଦୁର୍ଗମ 'ଗିରି'ରେ ପରିପୂର୍ଣ୍ଣ। ବିପଦସଂକୁଳ ଅରଣ୍ୟ ପଥକୁ ଅତିକ୍ରମ କରି ଏ ଅଞ୍ଚଳର ଯୋଦ୍ଧାମାନେ ଶତ୍ରୁଙ୍କୁ ପରାସ୍ତ କରିବା ନିମନ୍ତେ 'ରଣପା' ବ୍ୟବହାର କରୁଥିଲେ। ଏହାର ବ୍ୟବହାର ଦ୍ୱାରା ସରୀସୃପ ଓ ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇବା ସହ କଣ୍ଟକିତ ରାସ୍ତାକୁ ଅତି ସହଜରେ ଏବଂ ସ୍ୱଳ୍ପ ସମୟରେ ଅତିକ୍ରମ କରି ହେଉଥିଲା। ବାଡ଼ି ବ୍ୟବହାର ଦ୍ୱାରା ଉତ୍ପନ୍ନ ଶବ୍ଦ ମଧ୍ୟ ସରୀସୃପମାନଙ୍କୁ ଦୂରେଇ ରଖୁଥିଲା। ଅନ୍ୟ କେତେକ ଆଲୋଚକଙ୍କ ମତରେ – ଅତୀତରେ ରାଜରାଜୁଡ଼ାଶାସନ ସମୟରେ ଦୂତମାନଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କରାଯାଉଥିଲା। ସଡ଼କ ପଥ ଭଲନଥିବା ଅଭାବ ହେତୁ ଦୁର୍ଗମ ଅଞ୍ଚଳ ଅତିକ୍ରମ କରିବା ପାଇଁ 'ରଣପା' ବ୍ୟବହାର କରାଯାଉଥିଲା।

'ରଣପା' ନୃତ୍ୟ ଗଂଜାମ ଜିଲ୍ଲାର ଏକ ମୌଳିକ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ନୃତ୍ୟ ଛତିଶଗଡ଼ର ଆଦିବାସୀମାନଙ୍କ ଦ୍ୱାରା ମଧ୍ୟ ପ୍ରଦର୍ଶିତ ହେଉଥିବା ଦେଖାଯାଏ। ଏହି ନୃତ୍ୟକୁ ସେଠାରେ 'ଗେଡ଼ି' ନୃତ୍ୟ କୁହାଯାଏ। ପୁରୁଷ ଓ ସ୍ତ୍ରୀ ଉଭୟେ ପାଇକଚ୍ଛା ମାରି, ମୁଣ୍ଡରେ ପକ୍ଷୀର ପର ଓ ମୟୁରପୁଚ୍ଛ ଲଗାଇ, ପାଦରେ ଝୁମୁକାର ବଳା ପିନ୍ଧି ଏ ନୃତ୍ୟ ପରିବେଷଣ କରିଥା'ନ୍ତି। ଲାଲ୍‌ଶାଢ଼ୀ ଓ କଉଡ଼ିର ଅଳଙ୍କାର ମାନ ଧାରଣ କରିବା ସହ, ବୃତ୍ତାକାର ଭାବରେ ପର୍ବପର୍ବାଣିରେ ଏହି ନୃତ୍ୟ ପ୍ରଦର୍ଶନ କରିଥା'ନ୍ତି। ସେହିପରି ଅନେକ ସମୟରେ ସର୍କସ୍‌ରେ 'ରଣପା'ର ବ୍ୟବହାର ଦେଖାଯାଏ। ୧୨ ଫୁଟ ଲମ୍ବ ବାଉଁଶରେ ପାଦ ରଖିବା ପାଇଁ ପାହୁଲା ସଂଯୋଗ କରି, ଏମାନେ ନୃତ୍ୟ ପରିବେଷଣ କରିଥା'ନ୍ତି। ଆଧୁନିକ ଭାଓଲିନ୍ ଧରି ଏମାନେ ସଂଗୀତର ତାଳେତାଳେ ଭୂମି ସ୍ପର୍ଶ କରୁଥିବା ଲମ୍ବା ପ୍ୟାଣ୍ଟ, ସାଧାରଣ ପାଇଜାମା ଓ ମୁଣ୍ଡରେ ଟୋପି ଧାରଣ କରିଥା'ନ୍ତି। ଅନେକ ସମୟରେ ବିଜ୍ଞାପନ ପାଇଁ ମଧ୍ୟ 'ରଣପା' ବାଡ଼ିରେ ବିଭିନ୍ନ ଆକର୍ଷଣୀୟ ପୋଷାକ ପିନ୍ଧି ମେଳା, ମହୋତ୍ସବ ତଥା ଯାତ୍ରା ସମୟରେ ଏହି କଳାକାରମାନଙ୍କୁ ଦେଖିବାକୁ ମିଳିଥାଏ। ଏହାର ଲୋକପ୍ରିୟତା ଏତେ ବେଶି ଯେ 'ପ୍ରେମ ଅଢ଼େଇ ଅକ୍ଷର' ଚଳଚ୍ଚିତ୍ରରେ ନାୟକ ବାବୁଶାନ ସହିତ ରଣପା କଳାକାରଙ୍କ ନୃତ୍ୟ ଦେଖିବାକୁ ମିଳିଥିଲା।

**'ରଣପା' ନିର୍ମାଣ କୌଶଳ:** 'ରଣପା' ନୃତ୍ୟରେ ରଣପା ବାଡ଼ିର ଭୂମିକା ଅତ୍ୟନ୍ତ ଉପାଦେୟ। ଏହି ନୃତ୍ୟରେ ରଣପା ବାଡ଼ିକୁ ମୁଖ୍ୟ ଉପାଦାନ ରୂପେ ଗ୍ରହଣ କରାଯାଉଥିବା ବେଳେ ଅନ୍ୟ ସମସ୍ତ ବାଦ୍ୟ ଉପକରଣଗୁଡ଼ିକ ସହାୟକ ଭୂମିକା ନିର୍ବାହ କରିଥାନ୍ତି। କିମ୍ବଦନ୍ତୀ କହେ ଶ୍ରୀକୃଷ୍ଣଙ୍କ ପ୍ରିୟ ବୃକ୍ଷ ଥିଲା ବାଉଁଶ। ବାଉଁଶ ନିର୍ମିତ ବଂଶୀ କୃଷ୍ଣଙ୍କର ଥିଲା ଅତି ପ୍ରିୟ। ଏହି ବଂଶୀସ୍ୱନରେ ସେ ଗୋପନାରୀମାନଙ୍କୁ ମୁଗ୍ଧ କରୁଥିଲେ। ପୁଣି ଗୋଗୋଷ୍ଠକୁ ଗଲାବେଳେ ବାଉଁଶ ବାଡ଼ି ଦ୍ୱାରା ଗାଈମାନଙ୍କୁ ଏକାଠି କରୁଥିଲେ। ଏହି ବାଉଁଶବାଡ଼ି 'ରଣପା' ନୃତ୍ୟର ମୁଖ୍ୟ ଉପାଦାନ। ପାକଳ ବାଉଁଶବାଡ଼ିକୁ ସଂଗ୍ରହ କରି ତାକୁ ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ସଳଖ ବାଉଁଶ ଗୁଡ଼ିକୁ ପାଣିରୁ ଛାଣି ନିଆଁରେ ଶୁଖାଯାଏ । ଗଣ୍ଠିଗୁଡ଼ିକୁ ଚାଞ୍ଛି ମସୃଣ କରାଯାଏ। ଏହାର ଉଚ୍ଚତା ରହେ ପାଞ୍ଚରୁ ସାତ ଫୁଟ। ବାଡ଼ିର ଚଉଦରୁ ସତର ଇଞ୍ଚ ମଧ୍ୟରେ ପାହୁଲା ସଂଯୋଗ କରାଯାଏ। ପାହୁଲାଟିକୁ ଶିଆଳି ଲଇ ଦ୍ୱାରା ବନ୍ଧାଯାଏ। ଓଦା ଲଇ ବନ୍ଧା ହେବା ପରେ ଶୁଖିଯାଇ ଏପରି ଶକ୍ତ ହୁଏ ଯେ, ଯେତେ ନୃତ୍ୟ କଲେ ବି ହୁଗୁଳା ହୁଏ ନାହିଁ। ସ୍ଥଳବିଶେଷରେ ବର୍ତ୍ତମାନ ଝୋଟ ନିର୍ମିତ ଦଉଡ଼ିର ମଧ୍ୟ ବ୍ୟବହାର କରାଯାଏ।

**'ରଣପା' ନୃତ୍ୟର ପୋଷାକ ପରିକଳ୍ପନା:** 'ରଣପା'ର ପୋଷାକ ଗୁଡ଼ିକ ଗୌଡ଼ୀୟ ଓ ବୈଷ୍ଣବ ଚିନ୍ତାଧାରା ଦ୍ୱାରା ପ୍ରଭାବିତ। ସାଧାରଣତଃ ଶୁଭ କାର୍ଯ୍ୟରେ ହଳଦୀ ଓ ସିନ୍ଦୂର ଶୁଭ ବୋଲି ବ୍ୟବହାର କରାଯାଏ। ତେଣୁ 'ରଣପା' ନୃତ୍ୟର ପୋଷାକ ମଧ୍ୟ ଲାଲ ଓ ହଳଦିଆ ରଙ୍ଗ ହୋଇଥାଏ। କଳାକାରମାନେ ଲାଲ ରଙ୍ଗର ଖଦି ବସ୍ତ୍ରକୁ ପାଇକଚ୍ଛା ମାରି ବ୍ୟବହାର କରନ୍ତି ଏବଂ ହଳଦିଆ ରଙ୍ଗର ଫତେଇ ଦେହରେ ପିନ୍ଧନ୍ତି। ବସ୍ତ୍ର ହୁଗୁଳା ନହେବା ପାଇଁ କମରପଟି ବନ୍ଧାଯାଏ। ନୃତ୍ୟ ସମୟରେ ଏମାନେ ପଗଡ଼ି ବ୍ୟବହାର କରନ୍ତି। ପଗଡ଼ିରେ ମୟୁରପୁଚ୍ଛ, ପକ୍ଷୀର ପର, ଗଛର ଡାଳ ଲଗାଯାଇ ଏହାକୁ ଆକର୍ଷଣୀୟ କରାଯାଏ। ଏପରିକି ଶାଢ଼ୀର ସୁନ୍ଦର ଧଡ଼ୀକୁ ଫତେଇରେ ଯୋଡ଼ିଯାଇ, ଏହାକୁ ଅଧିକ ସୁନ୍ଦର କରାଯାଇଥାଏ।

**'ରଣପା' ନୃତ୍ୟର ଆଭୂଷଣ:** 'ରଣପା' ନୃତ୍ୟରେ ବ୍ୟବହୃତ ପ୍ରସାଧାନ ସରଳ। ଜନସାଧାରଣଙ୍କ ବ୍ୟବହାର ସାମଗ୍ରୀକୁ ନେଇ ଏହା ପରିକଳ୍ପିତ। 'ରଣପା' ନୃତ୍ୟରେ



ସିନ୍ଦୁରର ଶିରୀ ଓ ଚନ୍ଦନର ଟିପା କଳାକାରମାନେ ଧାରଣ କରିଥା'ନ୍ତି। ପରମ୍ପରା ଅନୁସାରେ କଉଡ଼ି ଓ ପୋହଳାର ମାଳ; ଗଳା ଓ ବାହୁରେ ବନ୍ଧା ଯାଇଥାଏ। ଆଲୁମିନିୟମ୍ ତିଆରି କଙ୍କଣ ମଧ୍ୟ କଟିରେ ଧାରଣ କରାଯାଉଥାଏ। ଏହା ସହ କାଚମାଳି ବାହୁରେ ବାଜୁବନ୍ଧ ରୂପେ ବ୍ୟବହୃତ ହୋଇଥାଏ।

**'ରଣପା' ନୃତ୍ୟର ବାଦ୍ୟଯନ୍ତ୍ର:** ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ପଞ୍ଚଧ୍ୱନିର ବ୍ୟବହାର ଦେଖିବାକୁ ମିଳେ। ସେଗୁଡ଼ିକ ହେଲା ନଖଜ, ବାୟୁଜ, ଚର୍ମଜ, ଧାତୁଜ ଓ କଣ୍ଠଜ। ପୁଣି ଚାରି ପ୍ରକାର ବାଦ୍ୟ ଯନ୍ତ୍ର ଯଥା –'ତତ୍‌ବାଦ୍ୟ': ଅର୍ଥାତ୍ ଯେଉଁ ବାଦ୍ୟରେ ତାର ସଂଯୋଗ ହୋଇ ଝଙ୍କାର ଦ୍ୱାରା ଧ୍ୱନି ସୃଷ୍ଟି ହୁଏ, ତାହାକୁ ତତ୍‌ବାଦ୍ୟ କୁହାଯାଏ। ବେହେଲା, କେନ୍ଦେରା, ସିତାର, ବୀଣା, ଘୁଡୁକି ଆଦି ଏହି ଶ୍ରେଣୀର ବାଦ୍ୟ। ଅନ୍ୟଏକ ବାଦ୍ୟ ହେଉଛି 'ସୁଷିର' ଅର୍ଥାତ୍ ବାୟୁ ଦ୍ୱାର ଏହି ଧ୍ୱନି ଉତ୍ପନ୍ନ କରାଯାଏ। ବଂଶୀ, ମୁଖବୀଣା, ଶାହାନାଇ, ମହୁରୀ ଆଦି ଏହି ଶ୍ରେଣୀର ବାଦ୍ୟ। ପୁଣି ଯନ୍ତ୍ରର ମୁହଁକୁ ଚର୍ମ ଦ୍ୱାରା ଆବୃତ୍ତ କରି ହାତ କିମ୍ବା କୌଣସି ବସ୍ତୁ ଦ୍ୱାରା ଆଘାତକରି ଯେଉଁ ଧ୍ୱନି ସୃଷ୍ଟି କରାଯାଏ ତାହାକୁ 'ଅବନଦ୍ଧ' ବାଦ୍ୟ କୁହାଯାଏ। ଢୋଲ, ଚାଙ୍ଗୁ, ମୃଦଙ୍ଗ, ତବଲା ଆଦି ଏହି ଶ୍ରେଣୀର ବାଦ୍ୟ। ଶେଷରେ ଧାତୁ ଦ୍ୱାରା ନିର୍ମିତ ବାଦ୍ୟ; ବସ୍ତୁ କିମ୍ବା ବାଡ଼ି ଦ୍ୱାରା ଆଘାତ ପାଇ ଶବ୍ଦ ସୃଷ୍ଟି କଲେ ତା'କୁ 'ଘନବାଦ୍ୟ' କୁହାଯାଏ। ଝାଞ୍ଜ, ଗିନି, ଘଣ୍ଟା, ଘଣ୍ଟି, କରତାଳ ଆଦି ଏହି ଶ୍ରେଣୀର ବାଦ୍ୟ। କିନ୍ତୁ 'ରଣପା' ନୃତ୍ୟରେ ମୁଖ୍ୟ ବାଦ୍ୟ ହେଉଛି ଚାଙ୍ଗୁ ଓ ଢୋଲ । ଏହା 'ଅବନଦ୍ଧ' ବାଦ୍ୟ ଶ୍ରେଣୀୟ। ବିଶେଷ କରି ଚାଙ୍ଗୁବାଦ୍ୟକାର ରଣପା ନୃତ୍ୟବେଳେ, ବିଭିନ୍ନ ମୋଡ଼ ସଂପର୍କରେ ନିର୍ଦ୍ଦେଶ ଦେଇଥାଏ। ଚାଙ୍ଗୁବାଦ୍ୟ ପନ୍ଦର ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ବୃତ୍ତାକାର ବାଉଁଶ ଫ୍ରେମ୍ ଉପରେ ଗୋରୁ ଚମଡ଼ା ଦ୍ୱାରା ଆବୃତ୍ତ ହୋଇଥାଏ। ଭିତରପଟୁ, ଗୋରୁ ଚମଡ଼ା ନିର୍ମିତ ଦଉଡ଼ିରେ ଏହାକୁ ବନ୍ଧା ଯାଇଥାଏ। ଭଲ ଶବ୍ଦ ନିମନ୍ତେ ସମୟେ ସମୟେ ଏହାକୁ ନିଆଁରେ ସେକ ଦେବାକୁ ପଡ଼ିଥାଏ । ଏକ ଫୁଟ ଲମ୍ବର ଗୋଟିଏ ସରୁ କାଠି ଓ ଦଶଇଞ୍ଚ ଲମ୍ବର ଅଗ୍ରଭାଗ ସରୁଥିବା ମୋଟା ବାଡ଼ି; ଏହି ବାଦ୍ୟକୁ ବଜାଇବା ନିମନ୍ତେ ବ୍ୟବହାର କରାଯାଏ। ମୋଟାବାଡ଼ିକୁ ଡାହାଣ ହାତରେ ଓ ସରୁ ବାଉଁଶ କାଠିକୁ ଆଙ୍ଗୁଠି ଭିତରେ ଧରି ବାଦ୍ୟ ବଜାଯାଏ।

ସେହିପରି ଅନ୍ୟ ଏକ ବାଦ୍ୟ ହେଲା ଢୋଲ। ଚାରିଫୁଟ ପରିଧି ଓ ତିନିଫୁଟ ଲମ୍ବ ଗମ୍ଭାରୀ କିମ୍ବା ତାଳ କାଠରେ ଏହା ନିର୍ମାଣ କରାଯାଏ। ଏହାର ମଝି ଅଂଶ ଫମ୍ପା ଥାଏ। ଦୁଇପଟକୁ ଗୋରୁ ଚମଡ଼ାରେ ଆବୃତ କରାଯାଏ। ଚମଡ଼ା ତିଆରି ଦଉଡ଼ିରେ ଢୋଲର ଉପର ଦେଇ ଏହାକୁ ବନ୍ଧାଯାଏ। ଡାହାଣପଟକୁ ଦଶଇଞ୍ଚ ଲମ୍ବ କାଠି ଏବଂ ବାମପଟକୁ ହସ୍ତ ସଞ୍ଚାଳନ ଦ୍ୱାରା ଆଘାତ କରି ଧ୍ୱନି ସୃଷ୍ଟି କରାଯାଏ। ସେହିପରି ଅନ୍ୟ ଏକ ବାଦ୍ୟ ହେଲା ମହୁରୀ। ଏହା 'ସୁଷିର' ବାଦ୍ୟ ଶ୍ରେଣୀୟ । ଛଅ ଇଞ୍ଚ ଲମ୍ବା ଏକ ଫମ୍ପା ବାଉଁଶ କିମ୍ବା ଶିଶୁଆ କାଠର ନଳୀ ଉପରେ, ସାତଟି ଗର୍ତ୍ତ କରି ଏହା ତିଆରି କରାଯାଇଥାଏ। ଉପର ସରୁ ଅଂଶର ଶେଷ ଭାଗରେ ଗୋଟିଏ ତମ୍ବାପାତିଆ ସଂଯୋଗକରି ଏକଇଞ୍ଚ ବ୍ୟବଧାନରେ ତାଳ ପତ୍ରରେ ନିର୍ମିତ ପିକକୁ ସ୍ୱର ଉତ୍ପାଦନକାରି ଯନ୍ତ୍ରରୂପେ ଏହାକୁ ବ୍ୟବହାର କରାଯାଏ। ଏହାଛଡ଼ା କରତାଳ, ତୁମ୍ବା, ବଂଶୀ, ଗିନି ଇତ୍ୟାଦି ବାଦ୍ୟଯନ୍ତ୍ରର ସଂଯୋଗରେ ଏହି ନୃତ୍ୟ ପ୍ରଦର୍ଶନ କରାଯାଏ।

'ରଣପା' ନୃତ୍ୟ ସାଧାରଣତଃ ବାଦ୍ୟ, ସଂଗୀତ ଓ ନୃତ୍ୟର ସମାହାରରେ ପରିକଳ୍ପିତ। ଏକ ପ୍ରଶସ୍ତ ସମତଳ ଶୁଷ୍କ ସ୍ଥାନରେ ଏହାକୁ ପରିବେଷଣ କରାଯାଏ। ଚାଙ୍ଗୁ, ଢୋଲ, ମହୁରୀ ଓ ରଣପା କଳାକାରମାନେ ଦଳବଦ୍ଧ ଭାବେ ମଞ୍ଚରେ ଏକତ୍ରିତ ହୁଅନ୍ତି। ଚାଙ୍ଗୁ ବାଦକ ତାଳ ଦ୍ୱାରା ନୃତ୍ୟର ମଙ୍ଗ ଧରେ। ତା'ପରେ ଚାଙ୍ଗୁବାଦ୍ୟର ତାଳେତାଳେ ନୃତ୍ୟ ଆରମ୍ଭ ହୋଇଥାଏ। ଏହି ନୃତ୍ୟ ଦଳରେ ଦଶ ବାର ଜଣ ଦଳଗତ ଭାବେ ନୃତ୍ୟ ପରିବେଷଣ କରନ୍ତି। ଦୁଇ ହାତରେ ରଣପା ଦଣ୍ଡ ଧରି ପାହୁଲା ଉପରେ ପାଦର ବୃଦ୍ଧା ଓ ତର୍ଜନୀ ଆଙ୍ଗୁଳି ଦ୍ୱାରା ବାଡ଼ିକୁ ଜାବୁଡ଼ି ଧରି ନୃତ୍ୟ କରିବାକୁ ପଡ଼ିଥାଏ। ଏଥିରେ ଶରୀରର ଭାରସାମ୍ୟ ରକ୍ଷା କରିବା ଏକାନ୍ତ ଆବଶ୍ୟକ। କଳାକାରମାନେ ଶ୍ରୀକୃଷ୍ଣ ବିଷୟ ସମ୍ବଳିତ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଭକ୍ତ ଚରଣଙ୍କ 'କଳାକଳେବର କହ୍ନାଇ' ପ୍ରାୟତଃ ଗାନ କରିଥା'ନ୍ତି। ଯେପରିକି –

*''କୋଇଲି ଲକ୍ଷ୍ମୀବନ୍ତ ଅଟେ ନାରାୟଣ।*
*ଲଳିତରେ ନାମଦେଲେ ଖାର୍ଗବ ବ୍ରାହ୍ମଣ, ଲୋ କୋଇଲି।*
*କୋଇଲି, ବୃନ୍ଦାବନ ନ ଶୋଭଇ ମୋର।*
*ବତ୍ସା କିଏ ଚରାଇବ ଯମୁନାତୀର, ଲୋ କୋଇଲି।'' (କେଶବକୋଇଲି)*

*ଏବଂ ''କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ।*
*କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।୧।*
*ଖସିପଡୁଛି କି ଆକାଶୁ ଏକି ଗଙ୍ଗା ଯମୁନା।*
*କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା।୨।*
*ଗହନ କାନନ ବନରେ ଘୋର ବରଷା କାଳ।*
*ଗିରିବାମ କରେ ଧଇଲେ ନନ୍ଦ ଯଶୋଦା -ବାଳ ।୩।*
*ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି।*
*ଘେନି ବତ୍ସାବୃନ୍ଦ ସଙ୍ଗତେ ବନେ ବୁଲନ୍ତି ନିତି ।୪।'' (କଳାକଳେବର କହ୍ନାଇ)*

ଏହି ନୃତ୍ୟକୁ ମୁକ୍ତମଞ୍ଚ ଏବଂ ବ୍ୟବସାୟିକ ମଞ୍ଚ ଉଭୟରେ ପରିବେଷଣ କରାଯାଇପାରେ। ମୁଖ୍ୟତଃ ଏହା ଏକ ମୁକ୍ତମଞ୍ଚର ନୃତ୍ୟ। ରାଜଦାଣ୍ଡ, ଛକ, ଦେବୀ ମଣ୍ଡପ, ମେଳା ମହୋତ୍ସବରେ



ଏହି ନୃତ୍ୟ ପରିବେଷଣ କରାଯାଏ। ବୀର ରସ ଏହାର ମୁଖ୍ୟ ଆଧାର ହେଲେ ହେଁ, ବାତ୍ସଲ୍ୟ ରସର ପ୍ରୟୋଗ ମଧ୍ୟ ଏହି ନୃତ୍ୟରେ ଦେଖିବାକୁ ମିଳେ। ଅତୀତରେ ଏହି ନୃତ୍ୟ କେବଳ ଭଗବତ୍ ଚେତନା ସୃଷ୍ଟି କରିବା ନିମନ୍ତେ ପରିବେଷଣ କରାଯାଉଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହ ସଂପ୍ରତି ଜନସଚେତନତା ସୃଷ୍ଟି କରିବା ଦିଗରେ ଏହାକୁ ବ୍ୟବହାର କରାଯାଉଛି।

ବସ୍ତୁତଃ ଏହି ଧାରାକୁ ଅବ୍ୟାହତ ରଖିବାକୁ ହେଲେ ଏହି ନୃତ୍ୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏକାନ୍ତ ଆବଶ୍ୟକ। ସଂପ୍ରତି କୌଣସି କଳାରୂପକୁ ବଞ୍ଚାଇବା ପାଇଁ ପ୍ରାୟୋଜକ ଯୋଗାଡ଼ କରିବା ଏକାନ୍ତ ଆବଶ୍ୟକ । ଅତୀତରେ ରାଜା, ଜମିଦାର କିମ୍ବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହଯୋଗରେ ଲୋକନୃତ୍ୟ ଗୁଡ଼ିକ ବଞ୍ଚି ରହିବା ଦିଗରେ ସକ୍ଷମ ହୋଇଥିଲେ । ବର୍ତ୍ତମାନର 'ବିଶ୍ୱଗ୍ରାମ ପରିକଳ୍ପନା' ପ୍ରେକ୍ଷାପଟରେ ଏହି ନୃତ୍ୟ ନିମନ୍ତେ ଇଣ୍ଟରନେଟ୍‌ରେ ୱେବ୍‌ସାଇଟ୍ ତିଆରି କରି ଏହାକୁ ବିଶ୍ୱ ଦରବାରରେ ପ୍ରସାରିତ କରିବା ଏକାନ୍ତ ଆବଶ୍ୟକ । ଏତଦ୍‌ବ୍ୟତୀତ ଏହାର ଦୃଶ୍ୟଚିତ୍ର ଆଧୁନିକ କୌଶଳରେ ପ୍ରସ୍ତୁତ କରି ବଜାରରେ ପ୍ରସାରିତ କରିବା ଆବଶ୍ୟକ । ପୁଣି ଏହାର ବିଷୟବସ୍ତୁ ଏବଂ ପରିବେଷଣ କୌଶଳକୁ ମଧ୍ୟ ପାରମ୍ପରିକତା ସହ ଆଧୁନିକତାର ସ୍ପର୍ଶ ଦେଲେ ହିଁ, ଏହି ନୃତ୍ୟ କାଳବକ୍ଷରେ ଆପଣାର ସ୍ୱାକ୍ଷର ଅଧିକ ଉଜ୍ଜ୍ୱଳ କରି ଗଢ଼ିତୋଳିବ, ଏଥିରେ ସନ୍ଦେହ ନାହିଁ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୨୧୪୧୭୨୭

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

ବାଲେଶ୍ୱର (ପିଏନ୍)-ଗତକାଲି ଅପରାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମୀ ରଞ୍ଜିତ ଦଳବେହେରା, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଳ ସେନ ଜଗଦ୍ଦେବଙ୍କ ସମେତ ଜିଲ୍ଲା ସଡକ ସୁରକ୍ଷା ସମିତିର ସଦସ୍ୟ, ପୋଲିସ୍ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀ, ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବୈଠକର ଆବାହକ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା ଗତ ମାର୍ଚ୍ଚ ମାସ ୩୦ତାରିଖରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତିର କାର୍ଯ୍ୟକାରିତା ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ତେବେ ସଡକ ଦୁର୍ଘଟଣା କ୍ଷେତ୍ରରେ ନିର୍ଦ୍ଧାରିତ ସମୟସୀମା ୨୪ରୁ ୪୮ ଘଂଟା ମଧ୍ୟରେ ପୋଲିସ, ପରିବହନ ଓ ରାଜପଥ କର୍ତ୍ତୃପକ୍ଷଙ୍କ



ଦ୍ୱାରା ମିଳିତ ତଦନ୍ତ ସମାପନ ନେଇ ପ୍ରାବଧାନ ରହିଥିଲେ ହେଁ କେତେକ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଜିଲ୍ଲା ସଡକ ସୁରକ୍ଷା କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ମିଳିତ ତଦନ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବା ସହ ବର୍ତ୍ତମାନ ନୂତନ ଭାବେ ପ୍ରଚଳିତ ହୋଇଥିବା ଆଇ.ଆର.ଏ.ଡି(ସମନ୍ୱିତ ସଡକ ଦୁର୍ଘଟଣା ତଥ୍ୟ) ସଫ୍ଟୱେର୍‌ରେ ତାହାକୁ ଅପଲୋଡ୍ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୬୦ ନମ୍ବର ଜାତୀୟ ରାଜପଥର ଭେଲୋରାଠାରେ ସାଇନେଜ ଲଗାଇବା ପାଇଁ ଗତ ବୈଠକରେ ନିଷ୍ପତି ହୋଇଥିଲେ ହେଁ ତାହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଏହା ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା । ସେହିପରି ୧୬ ନମ୍ବର ଜାତୀୟ ରାଜପଥରେ ରେମୁଣାଠାରେ ସର୍ଭିସ୍ ରୋଡ୍‌ର ମରାମତି କାମ ଚଳିତ ମଇ ମାସ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗାଡି ଚାଳନା ବେଳେ ମୋବାଇଲ ଫୋନ୍‌ର ବ୍ୟବହାର ଓ ନିଶା ସେବନ କରି ଗାଡି ଚାଳନା କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ଗୃହରେ ସଦସ୍ୟମାନେ ମତପ୍ରକାଶ କରିଥିଲେ । ଜିଲ୍ଲାର ସହରାଂଚଳଗୁଡିକରେ ସିସିଟିଭି ଲଗାଇବା ଏବଂ ଅଚଳ ସିସିଟିଭି ମରାମତି କରିବା ପାଇଁ ଜିଲ୍ଲା ସଡକ ସୁରକ୍ଷା କମିଟି ପାଖରେ ଅର୍ଥ ଓ ସମ୍ବଳ ଉପଲବଧ ଥିବା ବେଳେ ତାହାର ବ୍ୟବହାର କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପଗୁଡିକରେ 'ନୋ ହେଲମେଟ, ନୋ ପେଟ୍ରୋଲ' ସ୍ଲୋଗାନ ସମ୍ବଳିତ ବ୍ୟାନର ଲଗାଇବା ସହ ବିନା ହେଲମଟରେ ବାଇକ୍ ଚାଳକଙ୍କୁ ପେଟ୍ରୋଲ ନ ଦେବା ପାଇଁ ପେଟ୍ରୋଲ୍ ପମ୍ପ କର୍ମଚାରୀଙ୍କୁ ସଚେତନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜାତୀୟ ରାଜପଥରେ 'ନୋ ପାର୍କିଂ' ସାଇନେଜ ଓ ବୋର୍ଡ ଯେଭଳି ସଠିକ୍ ଭାବେ ଦୃଶ୍ୟମାନ ହେବ, ବସୱେ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଟ୍ରକ୍‌ମାନଙ୍କ ପାଇଁ ପ୍ରସ୍ତାବିତ ଟର୍ମିନାଲରେ ପାର୍କିଂ ବ୍ୟବସ୍ଥା ଏବଂ ଫୁଲାଡି ପୋଲ ମରାମତି କାମ ଉପରେ ବୈଠକରେ ଆଲୋଚାନା କରାଯାଇଥିଲା । ତୁରନ୍ତ ଏ ସମ୍ପର୍କିତ କାମ ଆରମ୍ଭ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା । ଅଧିକ ବେଗ, ଅଧିକ ବୋଝେଇ, ମାଲ୍ ପରିବହନ ଯାନରେ ଯାତ୍ରୀ ପରିବହନ, ଯାନ ଚାଳନା ସମୟରେ ମୋବାଇଲ ଫୋନର ବ୍ୟବହାର, ନିଶା ସେବନ କରି ଗାଡି ଚାଳନା, ବିନା ହେଲମେଟ୍‌ରେ ଗାଡି ଚାଳନା ଆଦି ଅପରାଧ ଅଧାରରେ ଆର.ଟି.ଓ.ଙ୍କ ଦ୍ୱାରା ଜାନୁଆରୀ, ୨୦୨୨ରୁ ଏପ୍ରିଲ ୨୦୨୨ ମଧ୍ୟରେ ୯୪୨ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୋଟ ୪୩୫ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ବାତିଲ୍ କରାଯାଇଛି । ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ୨୦୨୨ ମସିହା ଜାନୁୟାରୀ ରୁ ମାର୍ଚ୍ଚ ମଧ୍ୟରେ ସମୁଦାୟ ୯୨ଟି ଦୁର୍ଘଟଣା ଘଟିଛି ଏବଂ ଏହି ସମୟ ମଧ୍ୟରେ ୫୬ ଜୀବନହାନୀ ହୋଇଛି । ସେହିପରି ୩୮ଜଣ ଗୁରୁତର ଆହତ ହୋଇଥିବା ବେଳେ ୮ଜଣ ସାମାନ୍ୟ ଆହତ ହୋଇଛନ୍ତି । ତେବେ ଗତ ବର୍ଷ ତୁଳନାରେ ସମାନ ସମୟସୀମା ମଧ୍ୟରେ ଚଳିତ ବର୍ଷ ୧୬.୩୬ ପ୍ରତିଶତ କମ ଦୁର୍ଘଟଣା ଏବଂ ୧୧.୧୧ ପ୍ରତିଶତ କମ ଜୀବନହାନୀ ହୋଇଛି । ଜୀବନହାନୀ ହ୍ରାସ ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଡାକ୍ତରଖାନା ଆଣୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରହିଥିବା ଗୁଡ୍ ସାମାରିଟାନ୍ ବ୍ୟବସ୍ଥାକୁ ଅଧିକା ସୁଦୃଢ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଜିଲ୍ଲା ସଡକ ସୁରକ୍ଷା ସମିତି ତରଫରୁ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ହସପିଟାଲ ପହଂଚାଇବାରେ ସହାୟତା କରିଥିବା ୩ଜଣ ଗୁଡ୍ ସାମାରିଟାନ(ଭଲ ସାହାଯ୍ୟକାରୀ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ୩ଜଣ ହେଲେ ଶ୍ରୀ ତପନ କୁମାର କମିଳା, ଶ୍ରୀ ଭବେନ୍ଦ୍ର ବାରିକ ଓ ଶ୍ରୀ ଭବାନୀ ଶଙ୍କର ବାରିକ୍ । ସେମାନଙ୍କୁ ମାନପତ୍ର ଏବଂ ୨ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଶ୍ରୀ ଭବେନ୍ଦ୍ର ବାରିକ ଓ ଶ୍ରୀ ଭବାନୀ ଶଙ୍କର ବାରିକ୍ ଦୁର୍ଘଟଣା ବେଳର ସ୍ଥିତି ଓ ତାଙ୍କ ଦ୍ୱାରା କରାଯାଇଥିବା ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମିରଂଜିତ ଦଳବେହେରା ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଆ ପରି ଗଛଟିଏ...



ଭୁବନେଶ୍ୱର (ପିଏନ୍): ମେ' ମାସ ୭ ତାରିଖରେ ବିଶ୍ୱ ପାଳୁଛି ମାତୃଦିବସ। ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାରକୁ ମାତୃଦିବସ ରୂପେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ ମାତୃଦିବସକୁ ଏକ ନିଆରା ଢଙ୍ଗରେ ପାଳି ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି। ବିଭିନ୍ନ ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ହୃଦୟ। ହୃଦୟ ଭିତରେ ଗୋଟିଏ ମାତୃରୂପୀ ଗଛକୁ ସ୍ଥାନିତ କରି ଏହି ଅବସରରେ ଭକ୍ତିପୂତ ଶ୍ରଦ୍ଧା ଓ ସମ୍ମାନ ଜଣାଇଛନ୍ତି। ସୁଶାନ୍ତ କୁହନ୍ତି-ମାଆ ପରି ଗଛଟିଏ। ମାଆ ମମତାମୟୀ, ବାତ୍ସଲ୍ୟମୟୀ। ସେ ଗୋଟିଏ ମଣିଷ। ଜାୟା, ଜନନୀ ଭଳି ତା'ର କେତେ ନାଁ। କେତେ ରୂପ। ସେ ହାତ ଧରି ବାଟ ଚାଲିବା ଶିଖାଇଥାଏ। ନିଜେ ଜଳି ସନ୍ତାନକୁ ଆଲୋକ ଦେଖାଇଥାଏ। ସେ ସହନଶୀଳ, ସ୍ନେହୀ। ଅଳି, ଅର୍ଦ୍ଦଳି ସବୁ ସେ ସହ୍ୟ କରେ। ଯାହାର ସ୍ନେହ ଆଉ ପ୍ରେମରେ ନଥାଏ କିଛି ସ୍ୱାର୍ଥ ଆଉ କାମନା। ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ କେବେ ଅବହେଳା କରେନାହିଁ। ତା'ର ତ୍ୟାଗ ଅବର୍ଣ୍ଣନୀୟ। ନିଃସ୍ୱାର୍ଥପର ଭାବେ ସନ୍ତାନମାନଙ୍କ ପ୍ରତି ଅଜାଡ଼ି ଦିଏ ଅଜସ୍ର ସ୍ନେହ। ତା'ର ପଣତକାନି ସମସ୍ତ ବାଧାବିଘ୍ନରୁ ରକ୍ଷା କରିଥାଏ। ସେ ହେଉଛି ତ୍ୟାଗ ଓ ତପସ୍ୟାର ପ୍ରତୀକ। ଠିକ୍ ମାଆ ପରି ଗଛଟିଏ ବିଶ୍ୱର ପ୍ରତିଟି ସନ୍ତାନ ପାଇଁ ନିଃସ୍ୱାର୍ଥପର ଭାବେ ଅଜାଡ଼ି ଦେଇଥାଏ ସ୍ନେହ। ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ବହନ କରି ସଦା ସର୍ବଦା ସୁରକ୍ଷା କରିଥାଏ। ଉଭୟ ଜନ୍ମଦାତ୍ରୀ ଓ ମାତୃରୂପୀ ଗଛକୁ ଭଲ ପାଇବା ସହ ତା'ର ସୁରକ୍ଷା ପାଇଁ ଏହି ଶୁଭ ଦିବସରେ ପ୍ରତିଟି ସନ୍ତାନ ହୃଦୟତାର ସହ ଗୋଟିଏ ଲେଖାଏଁ ଗଛ ଲଗାଇ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୧୮

## ମୂଲ୍ୟବାନ କଉଡ଼ି



ଗିରିଧାରୀ ସାମଲ

ସାରା ପୃଥିବୀରେ ୧୭୦ ପ୍ରଜାତିର କଉଡ଼ି ମଧ୍ୟରୁ ଭାରତରେ କେବଳ ୩୭ଟି ପ୍ରଜାତିର କଉଡ଼ି ଉପଲବ୍ଧ । ଏହି କଉଡିଗୁଡ଼ିକ ମୁଖ୍ୟତଃ ଲାକ୍ଷାଦ୍ୱୀପ ଓ ମାଲଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରରୁ ମିଳିଥାଏ । ପ୍ରାଚୀନ ଓ ମଧ୍ୟଯୁଗରେ ଦକ୍ଷିଣ ଏସିଆ ଓ ଆଫ୍ରିକାରେ କଉଡ଼ିର ବାଣିଜ୍ୟ ବ୍ୟବସାୟର ମାଧ୍ୟମରୂପେ ବ୍ୟବହାର କରାଯାଉଥିଲା । ଚୀନରେ ଖ୍ରୀଷ୍ଟପୂର୍ବ ୧୦୦୦ରେ କଉଡ଼ିର ପ୍ରଚଳନ ଥିଲା । ସେ ସମୟରେ ରପ୍ତାନି ଆମଦାନୀ ପାଇଁ ରୂପା ମୁଦ୍ରା ପ୍ରଚଳନ ହେଉଥିବାବେଳେ ଦୁର୍ଗମ ଗ୍ରାମଗୁଡ଼ିକରେ କଉଡ଼ି ସୁବିଧାଜନକ ବ୍ୟବସାୟର ମାଧ୍ୟମ ଥିଲା । ମଧ୍ୟଯୁଗୀୟ ଐତିହାସିକ ଆବୁଲଫଜଲ ଓ ମାସୁଦି ସାମଗ୍ରୀର ମୂଲ୍ୟ କଉଡ଼ି ମାଧ୍ୟମରେ ଦିଆଯାଉଥିଲା ବୋଲି ଦର୍ଶାଇଛନ୍ତି । ମୋଗଲ ସମୟରେ ପ୍ରଜାମାନଙ୍କଠାରୁ କଉଡ଼ି ଆକାରରେ ଖଜଣା ଆଦାୟ କରାଯାଉଥିଲା । ୪ଟି କଉଡ଼ିରେ ଗୋଟିଏ ଗଣ୍ଡା, ୫ଟି ଗଣ୍ଡାରେ ଗୋଟିଏ ବୁଡ଼ି, ୪ବୁଡ଼ିରେ ଗୋଟିଏ ପାନ, ୧୬ଟି ପାନରେ ଗୋଟିଏ କାହାଣ ଓ ଦଶଟି କାହାଣରେ ଗୋଟିଏ ଟଙ୍କା ଗଣାଯାଉଥିଲେ ମଧ୍ୟ ସ୍ଥାନବିଶେଷରେ ଏହି ହିସାବ ଭିନ୍ନ ଭିନ୍ନ ଥିଲା । ଏକଦା ୟୁରୋପୀୟ ଦେଶଗୁଡ଼ିକ ପ୍ରଚୁର ପରିମାଣର କଉଡ଼ି ଆମଦାନୀ କରି ଆଫ୍ରିକାର ବଜାରରେ କ୍ରୀତଦାସ କ୍ରୟକରିବାରେ ଏହାକୁ ବିନିଯୋଗ କରୁଥିଲେ । କେତେକ କଉଡ଼ିର ମୂଲ୍ୟ ଏତେ ବେଶୀ ଯେ ତାହା ଶୁଣିଲେ ସହଜରେ ବିଶ୍ୱାସ କରି ହୁଏ ନାହିଁ । ଆର୍ମେନୀୟମ ଓ ସାୟନସିମ୍ କଉଡ଼ିର ମୂଲ୍ୟ ଯଥାକ୍ରମେ ୧୮୫୦ ଓ ୧୮୦୦ ଡଲାର । ବ୍ରିଟିଶ ମ୍ୟୁଜିୟମରେ ପ୍ରିନ୍ସ ନାମରେ ଏକ ବହୁମୂଲ୍ୟ କଉଡ଼ି ରହିଛି ଯାହାର ମୂଲ୍ୟ ଅଦ୍ୟାପି ସ୍ଥିର କରାଯାଇନାହିଁ । ସମଗ୍ର ପୃଥିବୀରେ ଏପରି କଉଡ଼ି ମାତ୍ର ଗୋଟିଏ ରହିଛି ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,*
*ଦୂରଭାଷ : ୯୪୩୭୪୫୦୧୧୪*

## ରାତିରେ ବାହାରକୁ ଗଲେ...



ତପସ୍ୱିନୀ ପଟ୍ଟନାୟକ

କର୍ମଜୀବୀ ମହିଳାମାନେ ଘରକୁ ଫେରିବା ବେଳେ ଅଧିକାଂଶ ସମୟରେ ଡେରି ହୋଇଯାଇଥାଏ । ଏମିତି କେତେକ ଚାକିରୀ ରହିଛି ସବୁବେଳେ ଡେରିରେ ଫେରିବାକୁ ପଡ଼େ । ଆଜିକାଲି ଯେପରି ଭାବରେ ଖବରକାଗଜରେ ବିଭିନ୍ନ ନାରକୀୟ କାର୍ଯ୍ୟ ସମ୍ପର୍କରେ ପଢ଼ିବାକୁ ମିଳେ ସେଥିରୁ କିଛି ଶିକ୍ଷା ଲାଭ କରିବା କର୍ମଜୀବୀ ମହିଳାମାନଙ୍କ ପାଇଁ ସର୍ବଦା ଆବଶ୍ୟକ । ଏଥିରୁ ଶିକ୍ଷା ଲାଭ କରି ନିଜେ ସତର୍କ ରହିବା ଆବଶ୍ୟକ । ଆଧୁନିକ ଜୀବନ ଶୈଳୀରେ ଅଧିକାଂଶ ସମୟରେ ମହିଳାମାନେ ରାତ୍ରିରେ ବିଭିନ୍ନ ପାର୍ଟି କିମ୍ବା ଭୋଜି ସଭାରେ ଯୋଗଦେବା ପାଇଁ ଯାଇଥାନ୍ତି ଏବଂ ଫେରିବା ବେଳେ ମଧ୍ୟ ବିଳମ୍ବ ଘଟିଥାଏ । ଏହିଭଳି ମହିଳାମାନେ ମଧ୍ୟ ଅନେକ ବିଷୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକ ରହିଛି । ରାତିରେ ଫେରିବାବେଳେ ନିଜର ସୁରକ୍ଷା ଦୃଷ୍ଟିକୋଣରୁ ନିମ୍ନଲିଖିତ କେତେକ ବିଷୟ ପ୍ରତି ଧ୍ୟାନ ଦେଲେ ଏହିଭଳି ସମୟରେ ନିଜେ ନିଜର ସୁରକ୍ଷା କରିପାରିବେ । ବାହାରକୁ ଗଲାବେଳେ କୌଣସି ଆଲ୍‌ତୁ ଫାଲ୍‌ତୁ ପରିଧାନ କରନ୍ତୁ ନାହିଁ । ସୁନା କିମ୍ବା ଅନ୍ୟାନ୍ୟ ଅଳଙ୍କାର କମ୍ ପରିଧାନ କରନ୍ତୁ । ବିଳମ୍ବ ହେବ ବୋଲି ପୂର୍ବରୁ ଜାଣିଥିଲେ ଏହି ସମୟରେ ଗହଣା କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ଅଳଙ୍କାର ପରିଧାନ କରନ୍ତୁ ନାହିଁ । ବାହାରକୁ ଗଲାବେଳେ ବାଜେ ପୋଷାକ ପରିଧାନ କରନ୍ତୁ ନାହିଁ । ଯେପରିକି ଏହା ଅନ୍ୟମାନଙ୍କୁ ଆକର୍ଷିତ କରିପାରିବ ନାହିଁ । ଯଦି ଆଭୁଷଣ ପିନ୍ଧିଥାନ୍ତି ତେବେ ଫେରିବା ସମୟରେ ଏହାକୁ ବାହାର କରି ବ୍ୟାଗ୍‌ରେ ରଖନ୍ତୁ । ପାଦରେ ଚାଲି ଚାଲି ଆସିବା ସମୟରେ ଜନଗହଳିପୂର୍ଣ୍ଣ ରାସ୍ତାରେ ଆସନ୍ତୁ । ଏହାଦ୍ୱାରା ଚୋରି ଡକାୟତି ରାହାଜାନି ଘଟଣାକୁ ଏଡାଇ ଦିଆଯାଇପାରିବ । ତେଣୁ ଶୁନ୍‌ଶାନ୍ ମାର୍ଗ ପରିତ୍ୟାଗ କରିବା ଫେରିଲାବେଳେ ନିହାତି ଆବଶ୍ୟକ । ଯଦି କେହି ସାଥିରେ ନଥାଏ ତେବେ ଏ କ୍ଷେତ୍ରରେ ଅଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଯେତେଦୂର ସମ୍ଭବ କାହାକୁ ସାଥିରେ ନେଇ ହିଁ ଯିବା ଆସିବା କରନ୍ତୁ ନତୁବା କୌଣସି ନିଜ ଲୋକକୁ ଅନୁରୋଧ କରି ଛାଡ଼ିଦେବାକୁ କୁହନ୍ତୁ । ଏହି ସମୟରେ ଚାଲି ସ୍ୱାଭାବିକ ହେବା ଆବଶ୍ୟକ । ଚାଲିବା ସମୟରେ ଏପରି ଭଦ୍ରତାର ସହ ଚାଲନ୍ତୁ ଯେପରିକି ଅନ୍ୟ କାହାର ଦୃଷ୍ଟି ଆକର୍ଷଣ କରିପାରିବ ନାହିଁ । ସିଧା ସିଧା ଆଗକୁ ଅନାଇ ଚାଲନ୍ତୁ । ରାସ୍ତାରେ ମଝି ମଝିରେ ଅଟକନ୍ତୁ ନାହିଁ । କିମ୍ବା ବାହାରକୁ, ପାର୍ଶ୍ୱକୁ ବାରମ୍ବାର ଚାହୁଁନ୍ତୁ ନାହିଁ । ଏହିଭଳି ଆଚରଣ ପ୍ରଦର୍ଶନ କଲେ ଏହା ଉକ୍ତ ମହିଳା ପ୍ରତି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ ହୋଇଥାଏ । ରାତିରେ ଫେରିଲା ବେଳେ କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ସହ ଆଦୌ କଥା ହୁଅନ୍ତୁ ନାହିଁ । ଯଦି ଆବଶ୍ୟକ ପଡ଼େ ଯେତେ ଦୂର ସମ୍ଭବ ତାକୁ ଦୂରେଇବାକୁ ଚେଷ୍ଟା କରିବା ଉଚିତ୍ । ଯଦି ଏହି ସମୟରେ କୌଣସି ପରିଚିତ ବ୍ୟକ୍ତିଙ୍କ ସହ ସାକ୍ଷାତ ହୁଏ ତେବେ ତାଙ୍କ ସହ ହସି ହସି କଥା ହେବାରୁ ନିବୃତ୍ତ ରୁହନ୍ତୁ । ବସ୍ ଯଦି ମିଳିବାର ଆଶା ରହିଛି ତେବେ ଅପେକ୍ଷା କରିବା ଭଲ । ଅଟୋ କିମ୍ବା କାର୍‌ରେ ଯେତେ ଦୂର ସମ୍ଭବ ନ ଫେରିବା ଉଚିତ୍ । ଯଦି କାର୍ କିମ୍ବା ଅଟୋରେ ଫେରିବାକୁ ବାଧ୍ୟ ହୋଇଥାଏ ତେବେ କୌଣସି ନିଜର ଲୋକଙ୍କୁ ସାଥିରେ ନେଇ ଆସିବା ଉଚିତ୍ । ଯେଉଁ ଯାନରେ ଫେରିବାକୁ ପଡ଼େ ଉକ୍ତ ଯାନରେ ଚଢ଼ିବା ପୂର୍ବରୁ ତାହାର ନମ୍ବର ପଢ଼ିନିଅନ୍ତୁ ଏବଂ ଗାଡ଼ିରେ ବସିବା ପରେ ଏହାକୁ ନୋଟ୍ କରିନିଅନ୍ତୁ । ଏହି ନମ୍ବରକୁ ମନେ ରଖିବା ଉଚିତ । କାରଣ ଦୁର୍ଘଟଣା ପରେ ଦୋଷୀକୁ ତଦନ୍ତ କରିବାରେ ଏହା ପରବର୍ତ୍ତୀ ସମୟରେ କାମରେ ଆସିଥାଏ । ମୋବାଇଲ୍ ଫୋନ ଯଦି ପାଖରେ ଅଛି ଗାଡ଼ିରେ ବସିବା ପରେ ଘରକୁ ଫୋନ୍ କରି ଜଣାଇ ଦିଅନ୍ତୁ ଏବଂ କେଉଁ ଗାଡ଼ିରେ କେଉଁ ରାସ୍ତାରେ ଯାଉଛନ୍ତି ତାହା ମଧ୍ୟ ଜଣାଇ ଦିଅନ୍ତୁ । ଯଦି କୌଣସି କାର୍ କିମ୍ବା ଅଟୋରେ ଯିବା ସମୟରେ ଆପଣଙ୍କ ଅପରିଚିତ ରାସ୍ତାରେ ଚାଳକ ନେଉଥାଏ ତାକୁ କୁହନ୍ତୁ ଗହଳି ଥିବା ରାସ୍ତାରେ ନେବା ପାଇଁ ।

ଏହି ସମୟରେ ଯଦି କେହି ଆକ୍ରମଣ କିମ୍ବା ବଳତ୍କାର କରେ ତେବେ ଡରି ଯାଆନ୍ତୁ ନାହିଁ କିମ୍ବା ତା ପାଖରେ ଆତ୍ମସମର୍ପଣ କରନ୍ତୁ ନାହିଁ ବରଂ ସାହସର ସହିତ ଉକ୍ତ ବ୍ୟକ୍ତି ସହିତ ମୁକାବିଲା କରନ୍ତୁ । ଏହା ସହିତ ଖୁବ୍ ଜୋର୍‌ରେ ଚିତ୍କାର କରନ୍ତୁ ଯେପରି ଏହା ଅନ୍ୟମାନଙ୍କୁ ଶୁଣାଯାଇପାରିବ । ଦୁର୍ଘଟଣାର ତୁରନ୍ତ ପରେ ଦୁର୍ଘଟଣାସ୍ଥାନର ଆଖପାଖରେ ଥିବା ପୋଲିସ୍ ଥାନାକୁ ଚାଲିଯାଆନ୍ତୁ । ଯଦି ପୋଲିସ୍ ଥାନା ନଥାଏ ତେବେ ଆଖପାଖରେ ଥିବା କୌଣସି ଘରପାଖକୁ ଯାଇ ଗୃହମାଲିକଙ୍କୁ ସହାୟତା ମାଗନ୍ତୁ । ରାତିରେ ଯିବା ଆସିବା କରୁଥିବା ମହିଳାମାନେ ସାଲ୍‌ୱାର କାମିଜ ପିନ୍ଧିବା ଆବଶ୍ୟକ । ଏହା ଧାଇଁବା ସମୟରେ ଅଧିକ କାମରେ ଆସିଥାଏ । ଯଦି କୌଣସି ସ୍ଥାନରେ ଆକ୍ରମଣର ଶିକାର ହୁଅନ୍ତି ତେବେ ଆକ୍ରମଣକାରୀର ଚେହେରାକୁ ନଜର ଦିଅନ୍ତୁ ଏହା ପରବର୍ତ୍ତୀ ସମୟରେ ଚିହ୍ନିବାରେ କାମ ଦେବ । ଯଦି ଏହି ସମୟରେ କେହି ପିଛା କରୁଛନ୍ତି ବୋଲି ସନ୍ଦେହ କରନ୍ତି ତେବେ ତୁରନ୍ତ ନିକଟସ୍ଥ କୌଣସି ଘରକୁ ଯାଇ କାହାକୁ ବି ଜଣାଇ ଦିଅନ୍ତୁ କିମ୍ବା ପୋଲିସ୍‌ର ତୁରନ୍ତ ସହାୟତା ନିଅନ୍ତୁ । ସହର ମାନଙ୍କରେ ସାଧାରଣତଃ ସ୍ଥାନେ ସ୍ଥାନେ ପୋଲିସ୍ ଚୌକ୍ ରହିଥାଏ । ତେଣୁ ଏ କ୍ଷେତ୍ରରେ ସହାୟତା ମାଗିବାରେ କୌଣସି ଅସୁବିଧା ନାହିଁ ।

*ଶିକ୍ଷାବିତ, ମହାନଦୀ ବିହାର, କଟକ*

# ସବୁଠୁଁ ପୁରୁଣା ଦଳ କଂଗ୍ରେସର ଗତି କୁଆଡେ ?



ଗୁରୁକଲ୍ୟାଣ ମହାପାତ୍ର

ସ୍ୱାଧୀନତା ପ୍ରାପ୍ତି ପରେ ଜାତିର ଜନକ ମହାତ୍ମା ଗାନ୍ଧୀ ଚାହୁଁଥିଲେ କଂଗ୍ରେସ ତାହାର ଲକ୍ଷ୍ୟ ହାସଲ କରିବା ପରେ ଆଉ ତାହାକୁ ଆଉ ରାଜନୀତିକ ଦଳ ଭାବେ ବ୍ୟବହାର ନକରି ସ୍ୱାଧୀନ ଭାରତରେ ଏକ ସେବା ଦଳ ଭାବେ ବ୍ୟବହାର କରାଯାଉ । ମାତ୍ର ଦୁଃଖର କଥା ଗାନ୍ଧିଜୀଙ୍କ କଥା ତାଙ୍କର ପଟ୍ଟ ଶିଷ୍ୟ ଜବାହରଲାଲ ନେହେରୁ ମଧ୍ୟ ଶୁଣିଲେ ନାହିଁ । କଂଗ୍ରେସ ଏକ ରାଜନୀତିକ ଦଳ ହେଲା ।ନେହେରୁ ସେହି ଦଳକୁ ଧରି ସାରା ଭାରତରେ ପ୍ରଥମ ପ୍ରଧାନମନ୍ତ୍ରୀ ଓ କଂଗ୍ରେସର ସର୍ବଭାରତୀୟ ନେତା ଭାବେ ତାଙ୍କର ପ୍ରଭାବ ବିସ୍ତାର କରି ଚାଲିଲେ । ୧୯୬୪ରେ ନେହେରୁଙ୍କ ଦେହାନ୍ତ ହେବା ପରେ ଲାଲବାହାଦୂର୍ ଶାସ୍ତ୍ରୀ ମାତ୍ର ୧୯ ମାସ ପାଇଁ ପ୍ରଧାନମନ୍ତ୍ରୀ ହୋଇ ଆପଣାର ସଚ୍ଚୋଟ ପଣିଆ ନୈତିକତା ବଳରେ କଂଗ୍ରେସର ମର୍ଯ୍ୟାଦା ବୃଦ୍ଧି କରିଥିଲେ ।'ନେହେରୁଙ୍କ ପରେ କିଏ' ବୋଲି ନେହେରୁଙ୍କ ମୃତ୍ୟୁପରେ ଯେଉଁ ଚର୍ଚ୍ଚା ଜୋର୍ ଧରିଥିଲା,ଶସ୍ତ୍ରୀଜୀଙ୍କ ପାରଦର୍ଶିତା କାରଣରୁ ସେ ଚର୍ଚ୍ଚାର ଅବସାନ ଘଟିଥିଲା ।ମାତ୍ର ଶାସ୍ତ୍ରୀଯୀଙ୍କ ଦେହାବସାନ ପରେ ନେହେରୁ ତନୟା ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇ ଅନେକ ଭଲ କାମ କରିଥିଲେ ।ଶେଷ ବେଳକୁ ସେ ଏକଛତ୍ରବାଦୀ ହୋଇ ଗଲେ ।ହାଇକୋର୍ଟ ରାୟ ଅମାନ୍ୟ କରି ନିଜେ ଶାସନ କ୍ଷମତା ଜାବୁଡ଼ି ଧରିବାକୁ ଦେଶରେ ଗଣତନ୍ତ୍ରକୁ ବିପନ୍ନ କରି ଜରୁରୀକାଳୀନ ପରିସ୍ଥିତି ଜାରି କରି ସମଗ୍ର ଦେଶରେ ବଦନାମ ହୋଇଥିଲେ । ତାପରେ ଆସିଲା ରାଜୀବ ଗାନ୍ଧୀଙ୍କ ଶାସନ କାଳ ।ସେ ମଧ୍ୟ ବେଶୀଦିନ ପ୍ରଧାନମନ୍ତ୍ରୀ ରହି ପାରିଲେ ନାହିଁ ।ମା ଇନ୍ଦିରା ଗାନ୍ଧୀଙ୍କ ତ୍ରୁଟିକୁ ସୁଧାରି ନେହେରୁଙ୍କ ବାଟରେ ସେ ଶାସନ ଚଳାଇବାକୁ ଚାହିଁ ଥିଲେ ।ପ୍ରକୃତରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରଣବ ମୁଖାର୍ଜୀ ହୁଏତ ଇନ୍ଦିରାଙ୍କ ନିଧନ ପରେ ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ।ମାତ୍ର ଅଧିକ ସଂଖ୍ୟାରେ କଂଗ୍ରେସ ବାଲାଏ ଅର୍ଥ ପାଇଁ ପରିବାରବାଦକୁ ଆପଣେଇ ରାଜୀବ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ କଲେ । ଦୁଃଖର କଥା ଯେଉଁ ତତ୍କାଳୀନ ଭାରତର ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂ ରାଜୀବ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ କରାଇଥିଲେ,ତାଙ୍କ ସହ ରାଜୀବଙ୍କ ମନାନ୍ତର ଘଟିବାରୁ ସଂସଦରେ ତାଙ୍କ ବିରୋଧରେ ମହା ଅଭିଯୋଗ ଆଣି ତାଙ୍କୁ ବହିଷ୍କାର କରାଯିବା ପର୍ଯ୍ୟନ୍ତ ବି କଥା ଯାଇଥିଲା ।ପରେ ଏକ ସଡ଼କ ଦୁର୍ଘଟଣାରେ ସେହି ପୂର୍ବତନ ରାଷ୍ଟ୍ରପତି ସିଂଙ୍କୁ କୁଆଡେ ମାରି ଦିଆ ଯାଇଥିଲା । ଏହାପରେ ନରସିଂହ ରାଓ ଭାରତର ପ୍ରଧାନମନ୍ତ୍ରୀ ହୋଇ ସ୍ଥିର ଓ ସୁଶାସନର ଉଦାହରଣ ସୃଷ୍ଟି କରିଥିଲେ ।ମାତ୍ର ରାଜୀବ ଗାନ୍ଧୀଙ୍କ ପତ୍ନୀ ସୋନିଆ ଗାନ୍ଧୀଙ୍କ କଥା ସେ ନମାନିବାରୁ ତାଙ୍କୁ ମଧ୍ୟ କଂଗ୍ରେସରେ ଅଣଦେଖା କରାଗଲା । ତାଙ୍କ ପରେ ତାଙ୍କ ଅଧୀନରେ ଥିବା ମନମୋହନ ସିଂଙ୍କୁ ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ କରାଇଲେ । ୨୦୦୪ରେ ସାଧାରଣ ନିର୍ବାଚନର ବର୍ଷକ ପୂର୍ବରୁ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ପରାମର୍ଶ ନନେଇ କେତେକ ନିର୍ବାଚନ କରାଇଲେ । ଏ ପି ଜେ ଅବଦୁଲ କଲାମ ସେତେବେଳେ ରାଷ୍ଟ୍ରପତି ।କଂଗ୍ରେସ ଦଳ ଏକାକୀ ଅଧିକ ଆସନ ପାଇଲେ ।ଫଳରେ ଅନ୍ୟ ଦଳର ସମର୍ଥନରେ ସରକାର ଗଠନ ପାଇଁ (ରାଷ୍ଟ୍ରପତି କାଲାମ ବିଭିନ୍ନ ଅଭିଯୋଗ ପାଇଥିଲେ ମଧ )ସୋନିଆ ଗାନ୍ଧୀଙ୍କୁ ଶୀଘ୍ର ସରକାର ଗଠନ ସକାଶେ ଅନୁମତି ଦେଇଥିଲେ ଦୁଇଥର ।ମାତ୍ର ସୋନିଆ ନିଜେ ନହୋଇ ମନମୋହନ ସିଂଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ ।ଫଳରେ ମନମୋହନ ସିଂ ଙ୍କ ଦଶ ବର୍ଷର ଶାସନ କାଳରେ ସୋନିଆ ଗାନ୍ଧୀ ଓ ତାଙ୍କ ପୁତ୍ର ରାହୁଲ ଗାନ୍ଧୀଙ୍କ ପରାମର୍ଶ ନେଇ ମନମୋହନ ଶାସନ ଚଳାଇଲେ ।ଏହାପରେ ୨୦୧୪ରେ କଂଗ୍ରେସ ଶାସନର ଅବସାନ ଦେଶରେ ଘଟିଲା ।ବିଜେପି ଓ ଗଣତାନ୍ତ୍ରିକ ମେଣ୍ଟର ଶାସନ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦୀର୍ଘ ନଅ ବର୍ଷ ଧରି ଚାଲିଛି ।କଂଗ୍ରେସ ଦଳ କର୍ଣ୍ଣାଟକ ଓ ଅନ୍ୟ କେତୋଟି ରାଜ୍ୟରେ ରହିଛି ସତ,ମାତ୍ର ରାହୁଲ ଗାନ୍ଧୀ ତାହାର ସଭାପତି ନଥିଲେ ବି ତାହାର ସର୍ବମୟ କର୍ତ୍ତା ଅଛନ୍ତି ।ନାମକୁ ମାତ୍ର ଏହାର ଜାତୀୟ ସଭାପତି ମଲିକାର୍ଜୁନ ଖାଡଗେ ରହିଛନ୍ତି । ଲୋକସଭାରେ କଂଗ୍ରେସର ସଂଖ୍ୟା ଗରିଷ୍ଠତା ବି ନାହିଁ ।ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ନେତୃତ୍ୱରେ ବିରୋଧୀ ମେଣ୍ଟ ପ୍ରାୟ ଦାନା ବାନ୍ଧୁ ନାହିଁ ।ସୋନିଆ ଗାନ୍ଧୀ ଅସୁସ୍ଥା ।ରାହୁଲ ଗାନ୍ଧୀ ମୋଦୀଙ୍କ ପରି ନିଶ ଦାଢ଼ି ରଖିଲେବି ଲୋକେ ତାଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ବୋଲି ଭାବିବେ ନା ନାହିଁ ?ରାଜ୍ୟରେ ବି ଜଣେ ମୁସଲମାନ ସଂପ୍ରଦାୟର ବିଧାୟକ ମୋକିମ୍ ଓ ଜଣେ ପୂର୍ବତନ ବିଧାୟକ ଚିରଞ୍ଜିବଙ୍କୁ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଦଳରୁ ନିଲମ୍ବିତ କରିଛନ୍ତି ।ଏଥିଯୋଗୁଁ ବିଭିନ୍ନ ସ୍ଥାନରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।ଦେଖାଯାଉ,ଦେଶରେ ଓ ରାଜ୍ୟରେ କଂଗ୍ରେସର ଭବିଶ୍ୟତ କେଉଁ ଦିଗକୁ ଗତି କରୁଛି ।

*ଭୁବନେଶ୍ୱର*

## ଅଛିଣ୍ଡା ପ୍ରଶ୍ନ



ଅନୀତା ପଟ୍ଟନାୟକ

ପିଲାଦିନୁ ମୁଁ ମୋର ଆରାଧ୍ୟ ଜଗନ୍ନାଥଙ୍କ ନିକଟକୁ ଅନେକ ଥର ମୋର ପରିବାରର ସଦସ୍ୟଙ୍କ ସହିତ ବସରେ ଯାଇଛି । ମୋର ସାଙ୍ଗମାନଙ୍କ ସହିତ ଜଗନ୍ନାଥ ଏକ୍ସପ୍ରେସରେ ମଧ୍ୟ ପୁରୀ ଯାଇଛି । ମୋର ମନରେ ଗୁଡ଼ିଏ ଆଜେବାଜେ ପ୍ରଶ୍ନ ଯାତ୍ରା ସମୟରେ ଉଙ୍କି ମାରେ । ଥରେ ମୁଁ ବାପାଙ୍କୁ ପଚାରିଲି ବାପା 'ପୁରୀରେ ରଥଯାତ୍ରାରେ ତିନୋଟି ରଥ ଯଥା ନନ୍ଦିଘୋଷ (ଜଗନ୍ନାଥ) ଦେବଦଳନ (ସୁଭଦ୍ରା) ତାଳଧ୍ୱଜ (ବଳଭଦ୍ର) କାହିଁକି ତିଆରି ହୁଏ ? ଏ ତିନି ଦିଅଁ କିନ୍ତୁ ମନ୍ଦିରରେ ଏକକ ରତ୍ନ ସିଂହାସନରେ ବସିଛନ୍ତି । ତିନୋଟି ରତ୍ନ ସିଂହାସନ କାହିଁ ନାହିଁ ?' ବାପା କହିଲେ ଯେଉଁ ପ୍ରଶ୍ନର ଉତ୍ତର ନାହିଁ ସେପରି ପ୍ରଶ୍ନ ମତେ ପଚାର ନାହିଁ ।

ଥରେ ଜଗନ୍ନାଥ ଏକ୍ସପ୍ରେସରେ ସାଙ୍ଗ ମାନଙ୍କ ସହ ଯାତ୍ରା କଲାବେଳେ ମୁଁ ସାଙ୍ଗ ମାନଙ୍କୁ ପଚାରିଲି ଜଗନ୍ନାଥଙ୍କ ମନ୍ଦିରରେ ୪ଟା ଦ୍ୱାର କାହିଁକି ? ଗୋଟିଏ ଦ୍ୱାର ଥିଲେ ଭଲ ହୋଇନଥାନ୍ତା କି ? ମୋର ଜଣେ ସହପାଠିନୀ ମତେ ଉତ୍ତରରେ କହିଲା ଏବେ ଜଗନ୍ନାଥଙ୍କ ଦ୍ୱାରକୁ ନେଇ ଭାରି ରାଜନୀତି ଧରିଛି । ଗୋଟିଏ ଦ୍ୱାର ଖୋଲା ରହି ଅନ୍ୟ ତିନି ଦ୍ୱାର ବନ୍ଦ ରହୁଥିବାରୁ ଲୋକମାନଙ୍କ ଠାରୁ ଦସ୍ତଖତ ଅଭିଜାନ ଚାଲିଛି । ସେହି ଦସ୍ତଖତ ଗୁଡ଼ିକୁ ନେଇ ପୁରୀ ମନ୍ଦିରର ପ୍ରଶାସନିକ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ । ଦାବୀ ରଖାଯିବ ମନ୍ଦିରର ଚାରି ଦ୍ୱାର ଖୋଲାଯାଉ । ଆଉ ଜଣେ ବାନ୍ଧବୀ କହିଲା ଆରେ ଜାଣିନୁକି ? ଆଜିକାଲି ଦ୍ୱାର ସବୁ ରୂପାର ଛାଉଣୀ କରାଯାଉଛି । ମନେ ମନେ ଭାବିଲି ମୋର ପ୍ରଶ୍ନ କଣ ? ଉତ୍ତର ମିଳିଲା କ'ଣ ? ଥରେ ଗୋଟିଏ ଜାଗାରେ ଜଗନ୍ନାଥଙ୍କ ଭକ୍ତ ମାନଙ୍କ ଦ୍ୱାରା ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା । ସେଥିରେ ଜଗନ୍ନାଥ ସଂସ୍କୃତି ଉପରେ କହିବା ପାଇଁ କୁହାଯାଇଥିଲା । ମୁଁ ଭଲ କହିଥିଲେ ମଧ୍ୟ ମୋର ଆଜେ ବାଜେ ପ୍ରଶ୍ନ ପଚାରିବାର ଅଭ୍ୟାସ ଥିବାରୁ ମୋର ବକ୍ତୃତାର ଶେଷରେ ସେହିପରି ଏକ ପ୍ରଶ୍ନ ପଚାରି ଦେଇଥିଲି । ଯେଉଁଥିପାଇଁ ମୁଁ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିଲି । ପ୍ରଶ୍ନଟି ଏପରି ଥିଲା 'ଆମର ସ୍କୁଲ କଲେଜରେ ପାଠ୍ୟ ଖସଡ଼ା ରହିଅଛି । ଏହାକୁ ପଢ଼ି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ପରୀକ୍ଷାରେ ପାସ କରିଥିବାର ପ୍ରମାଣ ପତ୍ର ମିଳିଥାଏ, ତେବେ ଜଗନ୍ନାଥଙ୍କୁ ପାଇବା ପାଇଁ କି ପାଠ୍ୟ ଖସଡ଼ା ତିଆରି କରାଯାଇଛି. ସେ ପାଠ୍ୟ ଖସଡ଼ାକୁ ପଢ଼ିଲେ କିଏ ପ୍ରମାଣ ପତ୍ର ଦେବ ?' ଥରେ ବୋଉକୁ ପଚାରିଲି ବୋଉ 'ପୁରୀକୁ ଯାଉଥିବା ବସ ଓ ଟ୍ରେନରୁ ଅନେକ ଜଗନ୍ନାଥଙ୍କ ନାମରେ ନାମିତ । ବସରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଫଟୋ ଓ କାଠ ମୂର୍ତ୍ତି କାଚ ଫ୍ରେମରେ ଟଙ୍ଗା ହୋଇଥିବା ମୁଁ ଦେଖିଛି । ଲୋକେ ଜନିଷପତ୍ର ଧରି ବସରେ, ଟ୍ରେନରେ ଭିଡ଼ରେ ଯାଆନ୍ତି । ଜଗନ୍ନାଥଙ୍କ ବସିବା ପାଇଁ କୌଣସି ସିଟ ନଥାଏ ଏପରି କାହିଁକି ? ଟ୍ରେନରେ ଜଗନ୍ନାଥଙ୍କ ଫଟୋ ବି ନଥାଏ । ମାଆ କହିଲେ ଏସବୁ ବାଜେ ପ୍ରଶ୍ନ ପଚାରିବା ବନ୍ଦ କର ।

ଦ୍ୱିପ୍ରହର ସମୟ ହୋଇଥାଏ । ଆନନ୍ଦ ବଜାରରେ ମହାପ୍ରସାଦ ଖାଇ ଆମ ପରିବାରର ସମସ୍ତେ ସମୁଦ୍ର ବୁଲିଯିବାକୁ ଚାହିଁଲେ । ମୁଁ କହିଲି ମତେ ସମୁଦ୍ର କୂଳକୁ ଯିବାକୁ ଭଲ ଲାଗୁନି । ମୁଁ ଲକ୍ଷ୍ମୀଙ୍କ ମନ୍ଦିରରେ ଟିକେ ବିଶ୍ରାମ ନେଉଛି । ତୁମେମାନେ ଫେରିଲେ ମତେ ସେଠାରୁ ଘରକୁ ନେଇଯିବ । ମୁଁ ଲକ୍ଷ୍ମୀଙ୍କ ମନ୍ଦିରରେ କାନ୍ଥକୁ ଆଉଜି ବିଶ୍ରାମ ନେଉଥିବା ସମୟରେ ନିଦ ଲାଗିଗଲା । ସ୍ୱପ୍ନରେ ଦେଖିଲି ତ୍ରିମୂର୍ତ୍ତି ମୋ ନିକଟରେ ଉଭା ହୋଇଛନ୍ତି ଓ କହୁଛନ୍ତି 'ଆମେ ଏକ ଅଲଗା ନୁହେଁ ତେଣୁ ଏକକ ରତ୍ନସିଂହାସନରେ ଆମେ ବସିଥାଉ । ଭକ୍ତ ତାର ଭାବରେ ଓ ଚିନ୍ତାରେ ଆମକୁ ତ୍ରିମୂର୍ତ୍ତିରେ ପରିଣତ କରି ତିନୋଟି ରଥ ତିଆରି କରି ଟାଣେ । ପ୍ରଭୁ ଏକ ତିନି ନୁହଁନ୍ତି' । ରତ୍ନସିଂହାସନ ଏକ, କାରଣ କଣ ଯାଣିଚୁ ତାର କାରଣ ହେଉଛି ମୁଁ ସବୁ ବ୍ୟକ୍ତିଙ୍କର ହୃଦୟ ସିଂହାସନରେ ବିଦ୍ୟମାନ । ରତ୍ନସିଂହାସନ ଏକ ପ୍ରତୀକ ମାତ୍ର । ଏହି ସିଂହାସନରେ କେବଳ ମୁଁ ବିରାଜମାନ କରିବି କମ୍ବା ସଂସାର ବିରାଜମାନ କରିବ ଏହା ଏକକ ସିଂହାସନ ଏଥିରେ ଦୁଇଜଣ ବସି ପାରିବେ ନାହିଁ । ତୁ ସଂସାର ଚାହୁଁ ? ନା ମତେ ଚାହୁଁ ? ମୁଁ ସ୍ୱପ୍ନରେ ଦେଖୁଛି । ଜଗନ୍ନାଥ କହୁଛନ୍ତି 'ମୋର ଚାରଟି ଦ୍ୱାର ଅଛି ସତ ଏବେ ଗୋଟିଏ ଦ୍ୱାର ଖୋଲା ଅଛି । ଭିଡ଼ ହେଉଥିବାରୁ ରାଜନୀତି ଜୋର ଧରିଛି । ଚାରି ଦ୍ୱାରକୁ ଖୋଲିବା ପାଇଁ ଦସ୍ତଖତ ଅଭିଯାନ ଚାଲିଛି । ଏହା ଭାରତରେ ଏକମାତ୍ର ରାଜ୍ୟ ଯାହାର ରାଜା ଓ ମୁଖ୍ୟମନ୍ତ୍ରୀ ମୋର ଭକ୍ତ । ତୁ ବି ମୋର ଭକ୍ତ । ମୋର ଦ୍ୱାର ବାହାରୁ ଖୋଲେ ନାହିଁ । ଏହା ଭିତରୁ ଖୋଲେ ସେ ଦ୍ୱାର ହେଉଛି ଏକକ ଦ୍ୱାର । ଚାବି ମୋର ଭକ୍ତ ମାନଙ୍କ ପାଖରେ ଥାଏ । ସେହି ଏକକ ଦ୍ୱାରକୁ ଖୋଲିଲେ ହିଁ ମୁଁ ହୃଦୟ ମନ୍ଦିରରେ ପ୍ରବେଶ କରିଥାଏ । ତୁମେ ଭିତରୁ କବାଟ ଖୋଲୁନାହିଁ । କବାଟ ଦ୍ୱାର ମୁହଁରେ ସବୁବେଳେ ହାତ ଦେଇ ଠିଆ ହେଉଛ । ହୃଦୟର ସିଂହଦ୍ୱାରକୁ ଭିତରପଟୁ ଖୋଲ ମତେ ପାଇବ' ।

ମୁଁ ସ୍ୱପ୍ନରେ ଦେଖୁଛି ଜଗନ୍ନାଥ କହୁଛନ୍ତି 'ମୋର ପାଠ୍ୟ ଖସଡ଼ା ବିଷୟରେ ପଚାରୁଥିଲୁ ନା ? ଏହାର ଏକମାତ୍ର ପାଠ୍ୟ ଖସଡ଼ା ହେଉଛି 'ଜଗନ୍ନାଥ ନାମ କେବଳମ୍' । ତତେ ପରା ଗାଇବାକୁ ଭାରି ଭଲ ଲାଗେ ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ ଭବତୁମେ । ନାମ ଓ ଜପରେ ଉତ୍ତୀର୍ଣ୍ଣ ହେଲେ ପରୀକ୍ଷାରେ ପାଶ କରିଥିବାରୁ ପ୍ରମାଣ ପତ୍ର ସଦୃଶ ତୁ ଓ ମୁଁ ଅଭିନ୍ନ ଏପରି ପ୍ରମାଣ ପତ୍ର ମୁଁ ଦେଇଥାଏ । ପଚାରୁଥିଲୁ ନା ବସରେ ମୋର ଫଟୋ କାହିଁକି ଟଙ୍ଗା ଯାଇଛି ? ମୋର ସିଟ କାହିଁକି ନାହିଁ ? ଏପରିକି ଟ୍ରେନରେ ମୋର ଫଟୋ କାହିଁକି ନାହିଁ ? ମନେରଖ ଜଗନ୍ନାଥ ଏକ୍ସପ୍ରେସ, ଜଗନ୍ନାଥ ପରିହବନ ସଂସ୍ଥା ନାମକୁ ମାତ୍ର । ବସରେ କିମ୍ବା ଟ୍ରେନରେ ମୋ ପାଇଁ ସିଟିଟିଏ ନଥାଏ । ମୁଁ ତୁମ ମାନଙ୍କର ହୃଦୟ ସିଂହାସନରେ ବସିବାକୁ ଭଲ ପାଏ, ସେ ସିଂହାସନରେ କେବଳ ମୁଁ କିମ୍ବା ସଂସାର ବସିପାରୁ । ତୋର ଇଚ୍ଛା, ତୋର ହୃଦୟ ସିଂହାସନରେ ମତେ ସ୍ଥାନ ଦେବୁ ନା ସଂସାରକୁ ସ୍ଥାନ ଦେବୁ ? ଏପରି ସୁଖଦ ସ୍ୱପ୍ନ ମୋର ଭାଙ୍ଗିଯାଇଛି ଘରଲୋକେ ମତେ ଉଠାଇ ଘରକୁ ଯିବାକୁ କହୁଛନ୍ତି । ଶୋଇଛୁ କ'ଣ ? ଚାଲଯିବା, କାନ ପାଖର ଗୁଞ୍ଜରିତ ହେଉଥାଏ 'ସତ୍ୟଂ ଜ୍ଞାନଂ ଅନନ୍ତଂ ବ୍ରହ୍ମ' ।

*ଅବସରପ୍ରାପ୍ତ ପ୍ରଧାପିକା*
*ସିଡିଏ, କଟକ*
*ଦୂରଭାଷ : ୯୬୯୨୯୮୦୦୨୬*

# ଗୋରା ଦେଶ ମାନଙ୍କର ଔପନିବେଶିକ ମାନସିକତା



ଡ.ସମନ୍ୱୟ ନନ୍ଦ

ଗୋରା ଦେଶ ମାନଙ୍କର ଏକ ଭିନ୍ନ ପ୍ରକାର ସମସ୍ୟା ରହିଛି । ସେମାନଙ୍କର ଔପନିବେଶିକ ମାନସିକତା ଏବେ ବି ଯାଇ ନାହିଁ । ସେମାନେ ଆଜି ବି ନିଜକୁ ସାରା ବିଶ୍ୱର ବିଶେଷ ଭାବେ ଏସିଆ ଓ ଆଫ୍ରିକାର ଦେଶ ମାନଙ୍କୁ ଶାସନ କରୁଥିବା ଭଳି ମାନସିକତାରେ ଅଛନ୍ତି । ସେମାନେ ଆଜି ବି ମନେ କରୁଛନ୍ତି ଯେ ଏସିଆ ଓ ଆଫ୍ରିକାର ଦେଶ ମାନେ କିଛି ଜାଣନ୍ତି ନାହିଁ, ସେଠାରେ କଣ ହେଉଛି, କଣ ନ ହେଉଛି ସେ ସମ୍ପର୍କରେ ଆମେ ସେମାନଙ୍କୁ ଜ୍ଞାନ ଦେବୁ । ସେମାନେ କଣ କରିବା ଉଚିତ, କଣ କରିବା ଉଚିତ ନୁହେଁ,ସେ ବିଷୟରେ ସେମାନଙ୍କୁ କହିବୁ । ସେମାନଙ୍କର ଆଭ୍ୟନ୍ତରୀଣ ମାମଲାରେ ଆମେ ବକ୍ତବ୍ୟ ଦେବୁ । ଏହି ଗୋରା ୟୁରୋପୀୟ ଦେଶ ମାନେ ଏସିଆ ଓ ଆଫ୍ରିକୀୟ ଦେଶ ମାନଙ୍କ ଉପରେ ଦୀର୍ଘ ସମୟ ଧରି ଶାସନ କରିଥିଲେ ଓ ଏହି ଦେଶ ମାନଙ୍କର ଲୋକ ମାନଙ୍କୁ ଶୋଷଣ କରିବା ସହ ବିପୁଳ ମାତ୍ରାରେ ଅର୍ଥ ଲୁଟ କରି ବଡ ବଡ ଅର୍ଥନୀତି ହୋଇଥିଲେ । ୟୁରୋପର ବିଭିନ୍ନ ଦେଶ ମାନେ ଏସିଆ ଓ ଆଫ୍ରିକାର ବିଭିନ୍ନ ଦେଶ ଉପରେ ଦୀର୍ଘ ଦିନ ଉପନିବେଶ ସ୍ଥାପିତ କରିଥିଲେ । ମାତ୍ର ସେମାନଙ୍କର ଉପନିବେଶ ଶେଷ ହୋଇ ଯିବା ସତ୍ତ୍ୱେ ସେମାନଙ୍କର ମାନସିକତାରେ କୌଣସି ପ୍ରକାର ପରିବର୍ତ୍ତନ ଆସିଥିବା ଭଳି ଜଣା ପଡୁ ନାହିଁ । ସେମାନଙ୍କର ଔପନିବେଶିକ ମାନସିକତା ପୂର୍ବ ପରି ରହିଛି । ବିଶେଷ ଭାବେ ଏବେ ଏସିଆ ଓ ଆଫ୍ରିକାର ଦେଶ ମାନେ ଯେତେବେଳ ଆର୍ଥିକ ଓ ଅନ୍ୟ କ୍ଷେତ୍ରରେ ପ୍ରଗତି କରୁଛନ୍ତି ସେତେବେଳେ ଏହି ଗୋରା ୟୁରୋପୀୟ ଦେଶ ମାନେ ତାକୁ ଦେଖି ସହ୍ୟ କରି ପାରୁ ନାହାନ୍ତି । ସେତେବେଳେ ତାଙ୍କର ଏହି ଔପନିବେଶିକ ମାନସିକତାର ପ୍ରତିଫଳନ ଦେଖିବାକୁ ମିଳୁଛି ।

ଏବେ ଠିକ ଏହି ପରି ଏକ ଘଟଣା ସାମନାକୁ ଆସିଛି । ମଣିପୁରରେ କିଛି ଦିନ ତଳେ ହୋଇଥିବା ହିଂସାକୁ ନେଇ ଏହି ଗୋରା ଦେଶ ମାନଙ୍କର ସଂଘ ଅର୍ଥାତ ୟୁରୋପୀୟ ସଂଘ ପକ୍ଷରୁ ଏକ ପ୍ରସ୍ତାବ ପାରିତ କରାଯାଇଛି । ଏହି ପ୍ରସ୍ତାବରେ କୁହା ଯାଇଛି ଯେ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ ମାନଙ୍କ ପ୍ରତି ଅସହିଷ୍ଣୁତା କାରଣରୁ ମଣିପୁରରେ ଏଭଳି ସ୍ଥିତି ଉପୁଜିଛି । ଏହି ପ୍ରସ୍ତାବରେ ଭାରତ ଉପରେ ରାଜନୀତି ଦ୍ୱାରା ପ୍ରେରିତ ନୀତି ଆପଣା ଯାଉଥିବାର ଅଭିଯୋଗ କରାଯାଉଛି । ମଣିପୁରରେ ଇଂଟରନେଟ ସେବା ବନ୍ଦ କରାଯିବାକୁ ନେଇ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି ।

ଏବେ କିଛି ଦିନ ତଳେ ୟୁକ୍ରେନ- ଋଷ ଯୁଦ୍ଧ ଆରମ୍ଭ ବେଳେ ଏହି ଗୋରା ଦେଶ ମାନେ ଚାହିଁଥିଲେ ଯେ ସେମାନେ ଯାହା ଚାହାନ୍ତି, ଭାରତ ସେପରି କରୁ । ସେମାନେ ଚାହୁଁଥିଲେ ଯେ ଭାରତ ଋଷର ବିରୋଧ କରୁ । ଋଷ ଉପରେ ଆର୍ଥିକ କଟକଣା ଲାଗୁ କରିବାକୁ ଏହି ଗୋରା ଦେଶମାନଙ୍କ ଘୋଷଣା କରିବା ପରେ ଭାରତ ଏହାକୁ ପାଳନ କରୁ ବୋଲି ସେମାନେ ଆଶା କରିଥିଲେ । କିଛି ଗୋରା ୟୁରୋପୀୟ ଦେଶ ଏ ସମ୍ପର୍କରେ ଭାରତ ଉପରେ ଚାପ ପ୍ରୟୋଗ କରିବାକୁ ମଧ ଚେଷ୍ଟା କରିଥିଲେ । ମାତ୍ର ଭାରତ ଏହି ୟୁରୋପୀୟ ଦେଶ ମାନଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବା ପରିବର୍ତ୍ତେ ସ୍ପଷ୍ଟ କରିଥିଲା ଯେ ଭାରତ ତାର ଜାତୀୟ ସ୍ୱାର୍ଥକୁ ଆଧାର କରି ନିଷ୍ପତି ନେବ । ଭାରତର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ । ଉଭୟ ଦେଶ ବସି ଆଲୋଚନା କରି ମାମଲାର ସମାଧାନ କରିବା ଉଚିତ । କେବଳ ସେତିକି ନୁହେଁ ୟୁରୋପୀୟ ୟୁନିଅନ ଓ ଆମେରିକା ଦ୍ୱାରା କଟକଣା ଲଗା ଯିବା ସତ୍ତ୍ୱେ ଭାରତ ଋଷ ଠାରୁ ଅଶୋଧିତ ତୈଳ କ୍ରୟ କରିବା ଆରମ୍ଭ କରି ଦେଇଥିଲା । ଏହି ୟୁରୋପୀୟ ଗୋରା ଦେଶ ମାନଙ୍କ ପାଇଁ ଏହା ବଡ କଷ୍ଟକର ସମୟ ଥିଲା । କାରଣ ସେମାନେ ଭାବି ପାରୁ ନ ଥିଲେ ଯେ ଭାରତ ଭଳି ଦେଶ ତାଙ୍କର ପରାମର୍ଶକୁ ଖାରଜ କରି ଋଷରୁ ଅଶୋଧିତ ତୈଳ କ୍ରୟ କରୁଛି । ତେଣୁ ଭାରତର ବିଶ୍ୱ ରାଜନୀତିରେ ବଢୁଥିବା ଭାବମୂର୍ତ୍ତି, ଶକ୍ତି ଓ ଗୋରା ମାନଙ୍କର କଥାକୁ ଭୃକ୍ଷେପ ନ କରି ନିଜ ଦେଶର ସ୍ୱାର୍ଥକୁ କେନ୍ଦ୍ର କରି ନିଷ୍ପତି ଗ୍ରହଣ କରିବା ୟୁରୋପୀୟ ୟୁନିୟନକୁ ହଜମ ହେଉ ନାହିଁ । ତେଣୁ ୟୁରୋପୀୟ ୟୁନିୟନ ଏଭଳି ଅବାଂଛିତ ପ୍ରସ୍ତାବ ଭାରତ ସମ୍ପର୍କରେ ପାରିତ କରିଛି । ଏହି ପ୍ରସ୍ତାବକୁ ୟୁରୋପୀୟ ୟୁନିୟନର ଫ୍ରଷ୍ଟ୍ରେସନ ରୁପେ ମଧ ଦେଖା ଯାଇ ପାରେ ।

ମଣିପୁର ସମ୍ପର୍କରେ ୟୁରୋପୀୟ ୟୁନିୟନର ଏଭଳି ଟିପ୍ପଣୀ କୌଣସି ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ । ଏହା ସିଧା ସିଧା କୌଣସି ସାର୍ବଭୌମ ଦେଶର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପର ପ୍ରୟାସ । କୌଣସି ସ୍ୱାଭିମାନୀ ଦେଶ ତାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଅନ୍ୟ କେହି ଦେଶ ଏପରି ମନ୍ତବ୍ୟ ଦେଉ ତାହାକୁ ସ୍ୱୀକାର କରେ ନାହିଁ । କିନ୍ତୁ ୟୁରୋପୀୟ ୟୁନିୟନ ଏବେ ମଧ ସେହି ପୂର୍ବର ମାନସିକତାରେ ଥିବାରୁ ଏଭଳି ବକ୍ତବ୍ୟ ଦେଇଛି ।

ତେବେ ଭାରତ ସରକାର ଏହି ପ୍ରସଙ୍ଗରେ ଯେଭଳି କଡା ଉତର ଦେବା କଥା ସେପରି ଉତର ଦେଇଛନ୍ତି । ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ମାମଲାରେ ଏଭଳି ହସ୍ତକ୍ଷେପକୁ କଦାପି ସ୍ୱୀକାର କରାଯାଇ ପାରିବ ନାହିଁ ।

ସେ କହିଛନ୍ତି, '' ଆମେ ଦେଖିଛୁ ଯେ ୟୁରୋପୀୟ ସଂଘର ପାର୍ଲିଆମେଂଟରେ ମଣିପୁରର ବର୍ତମାନ ସ୍ଥିତିକୁ ନେଇ ଆଲୋଚନା କରାଯାଇଛି ଓ ତଥାକଥିତ ଭାବେ ଏକ ତାତ୍କାଳିକ ପ୍ରସ୍ତାବ ପାରିତ କରାଯାଇଛି । ଭାରତର ଆଭ୍ୟନ୍ତରୀଣ ମାମଲାରେ ଏଭଳି ହସ୍ତକ୍ଷେପ ଆମ ପାଇଁ ଅସ୍ୱୀକାର୍ଯ୍ୟ । ଏହା ୟୁରୋପୀୟ ୟୁନିୟନର ଔପନିବେଶିକ ମାନସିକତାକୁ ଦର୍ଶାଉଛି ।'' ସେ କହିଛନ୍ତି ଯେ ନ୍ୟାୟପାଳିକା ସମେତ ସମସ୍ତ ସ୍ତରରେ ଭାରତୀୟ ଅଧିକାରୀ ମଣିପୁର ସ୍ଥିତି ସମ୍ପର୍କରେ ଅବଗତ ଅଛନ୍ତି ଓ ଶାନ୍ତି, ସଦଭାବ ଓ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ଉଠାଉଛନ୍ତି ।

ଏହି ପ୍ରସ୍ତାବ ସମ୍ପର୍କରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ସେ କହିଛନ୍ତି, ''ୟୁରୋପୀୟ ୟୁନିୟନର ପାର୍ଲିଆମେଂଟକୁ ପରାମର୍ଶ ଦିଆଯିବ ଯେ ସେମାନେ ନିଜର ସମୟ ନିଜର ଆଭ୍ୟନ୍ତରୀଣ ପ୍ରସଙ୍ଗ ଗୁଡିକ ପାଇଁ ଅଧିକ ଉତ୍ପାଦକ ଢଙ୍ଗରେ କରନ୍ତୁ ।'' ଭାରତ ସରକାର ୟୁରୋପୀୟ ୟୁନିୟନକୁ ଏ ସମ୍ପର୍କରେ ଅତ୍ୟନ୍ତ କୂଟନୈତିକ ଭାଷାରେ କଠୋର ଉତର ଦେଇଛନ୍ତି । ଏହା ଠାରୁ ଅଧିକ କଡା ଭାଷାରେ ଉତର ଦେବା ବୋଧ ହୁଏ ସମ୍ଭବ ହୋଇ ନ ଥାନ୍ତା । ତେବେ ଔପନିବେଶିକ ମାନସିକତାରେ ଥିବା ଏହି ଗୋରା ଦେଶ ମାନେ ଭାରତ ଠାରୁ ଏଭଳି ପ୍ରତିକ୍ରିୟା ପାଇଁ ମଧ୍ୟ ଆଶା କରି ନ ଥିବେ । ତେଣୁ ସେମାନଙ୍କୁ ବଡ ଧକ୍କା ଲାଗିବା ସ୍ୱାଭାବିକ । ଏହା ଦ୍ୱାରା ଯେ ସେମାନେ ତାଙ୍କର ଔପନିବେଶିକ ମାନସିକତାରେ ପରିବର୍ତ୍ତନ ଆଣିବେ ବୋଲି ଭାବିବା ଭୁଲ ହେବ ।




# ୟୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବାଜପୁର ପଞ୍ଚାୟତ ରାଇରଙ୍ଗପୁର ଗ୍ରାମସ୍ଥିତ ଅଙ୍ଗନବାଡି କେନ୍ଦ୍ର ପରିସରରେ ୟୋର୍ସ ହୋପ ଫାଉଣ୍ଡେନର ଟ୍ରଷ୍ଟର ଅଧକ୍ଷା ରିନାରାଣୀ ନାୟକଙ୍କ ଆବାହକତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ସରପଞ୍ଚ କେଦାର ପୃଷ୍ଟି, ୱାର୍ଡମେମ୍ବର କାବେରୀ ନାୟକ,ସ୍ୱାସ୍ଥ୍ୟ କର୍ମୀ ସରସ୍ୱତୀ କାଣ୍ଡି,ଅଙ୍ଗନବାଡି କର୍ମୀ ରଞ୍ଜୁଲ୍ତା ଷଡ଼ଙ୍ଗୀ ଓ ସମାଜସେବୀ ଦିଲ୍ଲୀପ କୁମାର କାଣ୍ଡି ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ ।ଏପରିକି ଅନୁଷ୍ଠାନ ବଣିଆଟାଙ୍ଗୀ ହାଡପଦା ଗ୍ରାମ ସମେତ ବିଭିନ୍ନ ଅଞ୍ଚଳରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜାରି ରହିଛି ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯଥା ହରିଡା, ବାହାଡ଼ା,ଜାମୁ,ଅଁଳା କରଞ୍ଜ, ଅଶୋକ ନିମ୍ବ ସମେତ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । ୟୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ ସନ୍ତୋଷ ନାୟକ, ସୁକାନ୍ତ ବେହେରା, ତପନ ପଟ୍ଟନାୟକ, ବିକାସ ନାୟକ, ପ୍ରଜ୍ଞା ପାରମିତା ନାୟକ, ଚ୍ଚିର ଅନୁଭବ ନାୟକ ଓ ନାଲୁ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# କଟକ ଜିଲ୍ଲା କଂଗ୍ରେସର ଦାବିକୁ କଟକ ଜିଲ୍ଲାପାଳ ବିଚାର କଲେ

କଟକ ,(ପି.ଏନ): କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଏବଂ କଟକର ଅନ୍ୟୁନ ୫୦୦୦ରୁ ଉର୍ଦ୍ଧ୍ୱ ଖାସମାହାଲ ଜାଗାମାଲିକ ମାନଙ୍କର ପ୍ରତିନିଧିମାନେ ଆଜି ଅପରାହ୍ନ ୭ ଘଂଟା ସମୟରେ କଟକ କଲେକ୍ଟର ଶ୍ରୀଯୁକ୍ତ ଭବାନୀ ଶଙ୍କର ଚଇନୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏ ସଂକ୍ରାନ୍ତରେ କଟକ ଜିଲ୍ଲା କଂଗ୍ରେସ ସଭାପତି ଉକ୍ତ ପ୍ରତିନିଧିମାନଙ୍କୁ ନେଇ କଟକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଗତ ଜୁଲାଇ ୧୫ ତାରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନ୍ୟାର୍ଯ୍ୟ ଦାବି ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଆଜିର ବୈଠକରେ କଟକ କଲେକ୍ଟର ଶ୍ରୀଯୁକ୍ତ ଚଇନୀ ୫ ହଜାର ଖାସମାହାଲ ପ୍ଲଟଧାରୀଙ୍କ ସମସ୍ୟାକୁ ହୃଦୟଙ୍ଗ କରିଥିଲେ। ସମସ୍ତ ଅଭିଯୋଗକୁ ବିଚାରକୁ ନେଇ ଶ୍ରୀଯୁକ୍ତ ଚଇନୀ ନିର୍ଭର ପ୍ରତିଶୃତି ଦେଇଥିଲେ ଯେ କଟକ ସହରର ଯେଉଁ ଖାସମାହାଲ ପ୍ଲଟର ମାଲିକ ସ୍ଥିତିବାନ ପାଇଁ ଆବେଦନ କରିବ ତାଙ୍କୁ ତୁରନ୍ତ ପଟା ଯୋଗାଇ ଦିଆଯିବ। ଶ୍ରୀ ଚୌଧୁରୀ ଏବଂ ଶ୍ରୀ ଚଇନୀଙ୍କ ମଧ୍ୟରେ ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେଲା। ଖାସମାହାଲ ଜାଗା ମାଲିକ ମାନଙ୍କର ପ୍ରତିନିଧି ମାନେ ଯେହେତୁ କଲେକ୍ଟରଙ୍କ ଠାରୁ ପ୍ରତିଶୃତି ପାଇଲେ ତେଣୁ ଏ ସମସ୍ୟାର ତୁରନ୍ତ ଅନ୍ତ ଘଟିବ ବୋଲି ଶ୍ରୀ ଚୌଧୁରୀ ଆଶାବ୍ୟକ୍ତ କରିଛନ୍ତି। ଏଠାରେ ପ୍ରକାଶଥାଉକି ଏ ସଂକ୍ରାନ୍ତରେ କଟକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଗତ ଜୁଲାଇ ୧୫ ତାରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଖାସମାହାଲ ପ୍ଲଟଧାରୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରକାଶ କରିଥିଲେ ଯେ କଟକ ସହରର ୟୁନିଟ ନମ୍ବର ୧୦, ୧୧,୧୨, ୧୩, ୧୪,୨୦, ୨୧,୨୨ ର ପ୍ରାୟ ୧୦୦ ଏକ ଜାଗା ଉପରେ ୫୦୦୦ ରୁ ଉର୍ଦ୍ଧ୍ୱ କେସ ର ୫୦୦୦ ରୁ ଉର୍ଦ୍ଧ୍ୱ ବାସିନ୍ଦା ନିଜ ଜାଗାର ସ୍ଥିତିବାନ ଷ୍ଟାଟସର ଅଧିକାର ରେକର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ଖାସମାହାଲ ଜାଗା ମାଲିକ ମାନଙ୍କର ପଟ୍ଟାର ମିଆଦ ୧୯୭୩ ମସିହାରେ ସରିଗଲା ପରେ ଏହାର ରିନ୍ୟୁଓ୍ୱାଲ କରାଯାଇନଥିଲା। ୨୦୦୩ ମସିହାରେ ରିନ୍ୟୁଓ୍ୱାଲ ପାଇଁ ଏହି ଜମି ମାଲିକମାନେ ଆବେଦନ କରିଥିଲେ। ସେମାନଙ୍କୁ ପ୍ରଦତ ହୋଇଥିବା ଖାସମାହାଲ ପଟ୍ଟାକୁ ସେମାନେ ସ୍ଥିତିବାନ ରେ ପରିଣତ କରିବାପାଇଁ ଆର.ଆଇ, ତହସିଲଦାର, ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଧାଉଁଛନ୍ତି। ମାତ୍ର ଉପରୋକ୍ତ କାର୍ଯ୍ୟାଳୟ ସେହି ଜାଗା ମାଲିକଙ୍କ କାମ ନକରିବାର ଉଦ୍ଦେଶ୍ୟ ରଖି ଗତ ୫୦ ବର୍ଷର ରେକର୍ଡ ମାଗୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହିକିଯେ ଏହି ଜାଗା ମାଲିକମାନେ ଯେତେବେଳେ ଉପରୋକ୍ତ କାର୍ଯ୍ୟାଳୟକୁ ଆବଶ୍ୟକୀୟ କାଗଜପତ୍ର ଦେବାପାଇଁ ଆବେଦନ କରୁଛନ୍ତି ଉକ୍ତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଛି ଯେ ସେ ସବୁ ଡକ୍ୟୁମେଂଟ ନଷ୍ଟ ହୋଇଯାଇଛି। ତେବେ ଯଦି ସରକାର ଏହି ନିରୀହ ଜନତାଙ୍କୁ ସେହି ଡକ୍ୟୁମେଂଟ ନଦେବେ ତେବେ ସେମାନେ ଏହା ପାଇବେ କିପରି ? କାରଣ ସରକାରଙ୍କ ପକ୍ଷରୁ ସେହି ଲିଜ୍ ସବୁ ଦିଆଯାଇଥିଲା। ବର୍ତମାନ ଏହି ଜାଗା ମାଲିକମାନେ ରେକର୍ଡ ଅଫ ରାଇଟ ନପାଇବା ଫଳରେ କୌଣସି କାର୍ଯ୍ୟ କରିବାପାଇଁ ନିଜ ଜାଗା ଉପରେ ଋଣ କରିପାରୁ ନାହାନ୍ତି। ଭଙ୍ଗାଘରକୁ ସଜାଡ଼ିବା ପାଇଁ, ପିଲାମାନଙ୍କର ପାଠପଢ଼ା ପାଇଁ, ବିବାହ, ବ୍ରତ, ଶୁଦ୍ଧିକ୍ରିୟା ବା ରୋଗବ୍ୟାଧି ରେ ଚିକିତ୍ସା ପାଇଁ ନିଜ ଜାଗା ବନ୍ଧକ ରଖିବା ସମ୍ଭବ ହୋଇପାରୁ ନାହିଁ କାରଣ ଜାଗା ମାଲିକଙ୍କ ପାଖରେ ସ୍ଥିତିବାନ ଷ୍ଟାଟସର ଅଧିକାର ରେକର୍ଡ ନାହିଁ ବୋଲି ଶ୍ରୀ ଚୌଧୁରୀ ସ୍ୱଷ୍ଟ କରିଥିଲେ। ସଂପୃକ୍ତ ଜାଗା ମାଲିକ ମାନେ ତାଙ୍କର ଦୁଃଖ ନ୍ତ୫ଟି ସଚିବନ୍ତ ବା ନ୍ତମୋ ସରକାରନ୍ତଙ୍କୁ ଲିଖିତ ଆକାରରେ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସୁତରାଂ ସରକାର ତୁରନ୍ତ ଏକ ମାସିକିଆ କ୍ୟାମ୍ପକୋଟ ମାଧ୍ୟମରେ କିମ୍ବା ଏକ ଷ୍ଟାଣ୍ଡାର୍ଡ ଅର୍ଡ଼ର ଜାରିକରି ଏହି ଖାସମାହାଲ କେସ୍ ଗୁଡ଼ିକର ସମାଧାନ କରନ୍ତୁ ନହେଲେ ଏହି ୫୦୦୦ ଉପେକ୍ଷିତ ଜାଗା ମାଲିକମାନେ ରାଜରାସ୍ତାକୁ ଓହ୍ଲାଇବେ ଓ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଏମାନଙ୍କ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦିଆଯାଇ ତୀବ୍ରତର କରାଯିବ ବୋଲି ଶ୍ରୀ ଚୌଧୁରୀ କହିଥିଲେ। ୫ଟି ସଚିବ ଯିଏ କି ଏବେ ଓଡ଼ିଶାରେ ବୁଲିବୁଲି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ବୋଲି ଦାବି କରୁଛନ୍ତି, ସିଏ ଉପରୋକ୍ତ ଦାବିକୁ ଗୁରୁତ୍ୱର ସହ ବିଚାର କରିବେ ବୋଲି ଆଶା ବ୍ୟକ୍ତ କରାଯାଇଥିଲା। ଯଦି ଏହି ଦାବିକୁ ସରକାର ଉପେକ୍ଷା କରନ୍ତି ତେବେ ଅଧିକାର ପାଇଁ ଲଢ଼େଇର ଗତି ଯେଉଁ ରୂପ ନେବ ସରକାର ସେଥିପାଇଁ ଦାୟୀ ରହିବେ ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ସରକାରକୁ ଚେତାବନୀ ଦେଇଥିଲେ।

ଆଜି କଲେକ୍ଟରଙ୍କୁ କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଚୌଧୁରୀଙ୍କ ସହ ଉପେକ୍ଷିତ ଖାସମାହାଲ ଜାଗା ମାଲିକ ମାନଙ୍କର ପ୍ରତିନିଧି ପତିତପାବନ ମହାରଣା, ରବୀନ ଶତପଥି, ପ୍ରେମାନନ୍ଦ ବେହେରା, ବିଶ୍ୱନାଥ ବେହେରା ଓ ରୀତା ମହାପାତ୍ର ସାକ୍ଷାତ କଲାପରେ ଦୀର୍ଘଦିନର ସମସ୍ୟାର ସମାଧାନ ପାଇଁ ଆଶା ଉଜ୍ଜଳ ହୋଇଥିବାର ଜଣାପଡ଼ିଛି।

# ନୂଆବଗ ପଞ୍ଚାୟତ ମନରେଗା କାର୍ଯ୍ୟରେ ମହା ଦୁର୍ନୀତି



ହିନ୍ଦୋଳ ,(ପି.ଏନ): ହିନ୍ଦୋଳ ବ୍ଲକ ଅଞ୍ଚଳରେ ମନରେଗା କାର୍ଯ୍ୟ ରେ ବ୍ୟାପକ ଦୁର୍ନୀତି ହେଉଥିବା ଦେଖିବାକୁ ମିଳିଛି, ଶ୍ରମିକ ହାତବାନ୍ଧି ବସିଥିବା ବେଳେ ସ୍ୱଷ୍ଟ ଦିବାଲୋକ ରେ ମେସିନ ଦ୍ୱାରା ହେଉଛି କାର୍ଯ୍ୟ, ଏଠି ସତେଯେମିତି ବିଭାଗୀୟ ଅଧିକାରୀ ସୋଇଛନ୍ତି କୁମ୍ଭକର୍ଣ୍ଣ ନିଦ୍ରାରେ, ଏଥିରେ ବିଭାଗୀୟ ଅଧିକାରୀ ଙ୍କ ସମ୍ପୃକ୍ତି ସ୍ୱଷ୍ଟ ବାରିହୋଇ ପଡୁଛି, ରାଜନୈତିକ ଛତ୍ର ଛାୟା ତଳେ ହେଉଛି ବ୍ୟାପକ ଅନିୟମିତତା, ଲେବର ଡିମାଣ୍ଡ ପୂର୍ବରୁ ମେସିନ ସାହାଯ୍ୟ ରେ କାର୍ଯ୍ୟ ସରିଯାଉଛି ବିଭାଗୀୟ ଅଧିକାରୀ ଙ୍କୁ ପଚାରିଲେ କାର୍ଯ୍ୟ କିଏ କରୁଛି ଆମେ ଜାଣିନାହୁଁ ବୋଲି ଉତ୍ତର ଦେଉଥିବା ବେଳେ କାର୍ଯ୍ୟ ସାରିବା ପରେ କାର୍ଯ୍ୟ କରୁଥିବା ଠିକାଦାର ଙ୍କ ଠାରୁ ମୋଟା ଅଙ୍କର ହାତଗୁଂଜା ନେଇ କାର୍ଯ୍ୟ ର ବିଲ କରିଦିଆଯାଉଛି ଏପରିକି ସୂଚ଼ନା ଅଧିକାର ବଳରେ ସୂଚ଼ନା ମାଗିଲେ ମଧ୍ୟ ସୂଚ଼ନା ମିଳିପାରୁନାହିଁ ଏଭଳି ଘଟଣା ବାରମ୍ବାର ହେବାକୁ ଲାଗିଛି ହିନ୍ଦୋଳ ଉପଖଣ୍ଡ ର ପ୍ରାୟ ପଞ୍ଚାୟତ ରେ ହେଉଥିବା ବେଳେ ସବୁଠୁ ଆଗରେ ରହିଛି ନୂଆବଗ ପଞ୍ଚାୟତ ରେ ପୂର୍ବରୁ ମନରେଗା କାର୍ଯ୍ୟ ରେ ଅନିୟମିତତା ର ପାହାଡ଼ ସଦୃଶ ଅଭିଯୋଗ ପରେ ଅଭିଯୋଗ ହୋଇଆସିଥିବା ବେଳେ କେବଳ କାର୍ଯ୍ୟାନୁଷ୍ଠାନ ସଦୃଶ ପଞ୍ଚାୟତ ର ଗ୍ରାମରୋଜଗାର ସେବକଙ୍କୁ ପଞ୍ଚାୟତ ରୁ ବଦଳି କରାଯାଇଛି ହେଲେ ଦୁର୍ନୀତି କମିବା ପରିବର୍ତ୍ତ ? ଦିନକୁ ଦିନ ବଢ଼ିବାରେ ଲାଗିଛି, ପଞ୍ଚାୟତ ର ସାରାସିଙ୍ଗି ଗ୍ରାମରେ ଗୋଟିଏ ଗୁଳିରେ ୩ ଶିକାର ସଦୃଶ ଗୋଟିଏ କାର୍ଯ୍ୟ କରି ତିନିଟି ବିଲ ହେଉଥିବା ଦେଖିବାକୁ ମିଳିଛି କିଛିଦିନ ପୂର୍ବରୁ ଗ୍ରାମର ଜା ମୁନାଳି ବନ୍ଧ ମନରେଗା ଯୋଜନାରେ ମେସିନ ସାହାଯ୍ୟ ରେ ଖୋଳାଯାଇଥିଲା ସେହିମାଟି କୁ ନିକଟସ୍ଥ ବିଦ୍ୟାଳୟ ପରିସର ଓ ନିକଟ ସ୍ଥ ଗୋଟିଏ ରାସ୍ତାରେ ପକାଯାଇଥିଲା ସେହିସମୟରେ ପୋଖରୀ କାର୍ଯ୍ୟ ମେସିନ ସାହାଯ୍ୟ ରେ ହେଉଥିବା ନେଇ ଅଭିଯୋଗ ହୋଇଥିଲା ହେଲେ ଅଭିଯୋଗ କୁ ବିଭାଗୀୟ ଅଧିକାରୀ ମାନେ କର୍ଣ୍ଣପାତ କରିନଥିଲେ ପୋଖରୀ ର ସମ୍ପୂର୍ଣ ବିଲ ୧୦ ଲକ୍ଷ୍ୟ ଟଙ୍କା କରିଦେଇଥିଲେ ପରବର୍ତୀ ମୁହୂର୍ତ ରେ ବିଦ୍ୟାଳୟ ପରିସରରେ ବିଛା ଯାଇଥିବା ପୋଖରୀ ମାଟିକୁ ମନରେଗା ଯୋଜନା ପାଞ୍ଚ ଲକ୍ଷ୍ୟ ଟଙ୍କା ବିଲ କରାଯାଇଛି କିଛିଦିନ ପରେ ସରୁନାଳି ୱାଟର ଚ଼ାନେଲ ନାମକ ଏକ ମାଟି ଡ୍ରେନ ଖୋଳାଯାଇ ଥିଲା ନିକଟ ରାସ୍ତାରେ ପୂର୍ବରୁ ବିଚ଼ାଯାଇଥିବା ପୋଖରୀ ମାଟି ଉପରେ ଡ୍ରେନ ର ମାଟି ବିଛାଯାଇ ଥିଲା ସେହି ଡ୍ରେନ ଟି ମଧ୍ୟ ମନରେଗା ଯୋଜନାରେ ପାଞ୍ଚ ଲକ୍ଷ୍ୟ ଟଙ୍କା ବିଲ କରାଯାଇଛି ଏବେ ସେହି ରାସ୍ତାଟି ସରୁନାଳି ରାସ୍ତାର ନାମଦେଇ ୬ ଲକ୍ଷ୍ୟ ଟଙ୍କାର ମନରେଗା ଯୋଜନା ମାଧ୍ୟମରେ ରେକର୍ଡ ଖୋଳାଯାଇ ସେହି ରାସ୍ତାରେ ମୋରମ ବିଛଯାଉଛି ଯାହାକି ଜନସାଧାରଣ ଜାଣିନପାରିବା ପାଇଁ ରାସ୍ତା ପାଖରେ କୌଣସି ସୂଚ଼ନା ଫଳକ ଲଗାଯାଇ ନାହିଁ ସେହି ରାସ୍ତାଟିକୁ ବିଭାଗୀୟ ଅଧିକାରୀ ଙ୍କୁ ଧରି ବିଲ କରିନେବା ପାଇଁ ମସୁଧା ଚ଼ାଲିଥିବା ଜଣାପଡିଛି ଏଣୁ ଏଥିପ୍ରତି ଜିଲ୍ଲାପ୍ରକଳ୍ପ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରି ଅନିୟମିତତା ରେ ସମ୍ପୃକ୍ତ ଥିବା ବିଭାଗୀୟ ଅଧିକାରୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପଞ୍ଚାୟତ ର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି, ଏ ସମ୍ପର୍କ ରେ ପଞ୍ଚାୟତ ଅଧିକାରୀ ଅନ୍ତର୍ଯ୍ୟାମୀ ଗୋଛାୟତ ଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ସାରୁନାଳି ରାସ୍ତା କାର୍ଯ୍ୟ ହେବାପାଇଁ ୬ ଲକ୍ଷ୍ୟ ଟଙ୍କାରରେକର୍ଡ ଖୋଲା ହୋଇଛି କାର୍ଯ୍ୟ ଆରମ୍ଭ ହେଲାଣି କି ନାହିଁ ମୁଁ ଜାଣିନାହିଁ, ଏ ସମ୍ପର୍କ ରେ ଗ୍ରାମରୋଜଗାର ସେବକ ମଞ୍ଜୁ ଲତାବେହେରା ଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ସେ କାର୍ଯ୍ୟ ହେଉଥିବା ବିଷୟରେ ମୁଁ ଜାଣିନାହିଁ, କିଏ କାର୍ଯ୍ୟ କରୁଛି ମୋ ପାଖରେ କୌଣସି ଖବର ନାହିଁ,, ହିନ୍ଦୋଳ ରୁ ନିମାଇଁ ଚ଼ରଣ ସାମଲ।

# ଜିଲ୍ଲାପାଳଙ୍କ ଦ୍ୱାରା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ନବରଙ୍ଗପୁର,(ପି.ଏନ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଡ଼ଃ କମଳ ଲଚ଼ନ ମିଶ୍ରଙ୍କ ଅଧକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ର ବିଭିନ୍ନ ଅଞ୍ଚଳ ର ସମସ୍ୟା ଆପତ୍ତି, ଅଭିଯୋଗ ଜଣାଇବା ପାଇଁ ଆସିଥିବା ୩୦ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା । ସେଥିମଧ୍ୟରୁ ୧୯ ଜଣଙ୍କର ବ୍ୟକ୍ତିଗତ ଅଭିଯୋଗ ରହିଥିଲାବେଳେ ୧୧ ଗୋଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଜିଲ୍ଲାପାଳ ଡଃ କମଳ ଲୋଚ଼ନ ମିଶ୍ର ଓପିଡି ଅନ୍ୟା ଦାସ,ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ ।ଅଭିଯୋଗ ରେ ମୁଖ୍ୟତଃ ପାନୀୟଜଳ,ସ୍ବାସ୍ଥ୍ୟ ସେବା,ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ,ବାର୍ଦ୍ଧକ୍ୟ ଭତ୍ତା,ଶିକ୍ଷା,ଜମିଜମା , ଏବଂ ଚ଼ାଷ ଜମି ରେ ଜଳ ସେଚ଼ନ ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲ୍ଲାପାଳ ଡ଼ଃ କମଳ ଲୋଚ଼ନ ମିଶ୍ର ଆପତ୍ତି ଅଭିଯୋଗ ଶୁଣିବା ସହିତ ଏଥି ସମ୍ବନ୍ଧିତ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦପେକ୍ଷ ନେବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୫ ଜଣ ବିଭିନ୍ନ ପ୍ରକାର ଭତ୍ତା ବାର୍ଦ୍ଧକ୍ୟ ଭତ୍ତା,ଦିବ୍ୟଙ୍ଗ ଭତ୍ତା, ବିଧବା ଭତ୍ତା ଏହି ପ୍ରକାରେ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଏହି ପ୍ରକାର ସମସ୍ୟାକୁ ଲୋକଙ୍କ ପାଖକୁ ଯାଇ ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଯୁଗ୍ମ ଶୁଣାଣି ଶିବିରରେ ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷକ୍ଷ ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼,ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚ଼ନ୍ଦ୍ର ସାହୁ, ନନ୍ଦାହାଣ୍ଡି ତହସିଦାର ଡଃ. ବନମାଳୀ ମେହେର,ଭାରପ୍ରାପ୍ତ ଜିଲ୍ଲାମୁଖ୍ୟ ଚ଼ିକିତ୍ସା ଅଧିକାରୀ ଡ଼ଃ. ନବ କିଶୋର ବେହେରା ଏଡିସନାଲ ଏ ସ ପି,ପି କେ ପଟ୍ଟନାୟକ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ପଞ୍ଚାୟତ ସମିତି ର ସମସ୍ତ କର୍ମଚ଼ାରୀ ଏବଂ ପୋଲିସ ପ୍ରଶାସନ ପ୍ରମୁଖ ଯୋଗ ଦେଇଥିଲେ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday July 18, 2023 ଭୁବନେଶ୍ୱର ମଙ୍ଗଳବାର , ଜୁଲାଇ ୧୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରାଙ୍କୁ 'ଜନ ସମ୍ପର୍କ ସମ୍ମାନ' ପୁରସ୍କାର




ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କୁ ସମ୍ମାନ ଜନକ ନ୍ତଜନ ସମ୍ପର୍କ ସମ୍ମାନ-୨୦୨୩' ସମ୍ମାନରେ ସମ୍ମାନୀତ କରାଯାଇଛି । ଏହି ଅବସରରେ ଭୁବନେଶ୍ୱର ଠାରେ ରବିବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ବେଉରାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ବିଶ୍ୱ ଜନସମ୍ପର୍କ ଦିବସ ଅବସରରେ ଓଡିଶା ଶିଳ୍ପରେ ଜନସମ୍ପର୍କ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କୋଭିଡ ମହାମାରୀ, ବନ୍ୟା, ମରୁଡି, ବାତ୍ୟା ଏବଂ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶ୍ରୀ ବେଉରା ଜନସାଧାରଣଙ୍କ ପାଇଁ କରିଥିବା ଅନେକ ପ୍ରୟାସ ଉତ୍ସର୍ଗୀକୃତ ସାହାର୍ଯ୍ୟ ଓ ସହଯୋଗ ପାଇଁ ତାଙ୍କୁ ଏହି ପ୍ରସିଦ୍ଧ ସମ୍ମାନରେ ସମ୍ମାନୀତ କରାଯାଇଛି । ପାରାଦୀପ ଅଂଚଳରେ ସେ ଏହି ସମ୍ମାନ ପାଇଥିବା ପ୍ରଥମ ବ୍ୟକ୍ତି । ସେହିପରି ଜଗତସିଂହପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରନ ପଟ୍ଟନାୟକଙ୍କୁ ମଧ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ରିଲିଆନ୍ସ ଜିଓ ର କର୍ପୋରେଟ କମ୍ୟୁନିକେସନ ଆଣ୍ଡ ଆଡଭୋକସୀ ଉପ ସଭାପତି ରୋହିତ ଦୁବେ, ବେଦାନ୍ତ ଆଲୁମିନିୟମ ବିଜିନେସ ଡେଭଲପମେଣ୍ଟ ସଭାପତି ତପନ କୁମାର ଚାନ୍ଦ ଅତିଥି ଭାବେ ଯୋଗଦେଇ ଉଭୟଙ୍କୁ ସମ୍ମାନୀତ କରିଥିଲେ ।

## ବିରଳ ପ୍ରଜାତିର ମୃତ ଡଲଫିନ ଉଦ୍ଧାର

ପାରାଦୀପ,(ପି.ଏନ):ପାରାଦୀପ ମାଛଧରା ବନ୍ଦର ମଧ୍ୟରୁ ଉଦ୍ଧାର ହୋଇଛି ବିରଳ ପ୍ରଜାତିର ମୃତ ଡଲଫିନ । ତେବେ ଏହି ବିରଳ ପ୍ରଜାତିର ଡଲଫନଟି ଦୀର୍ଘ ସମୟ ଧରି ସଂଘର୍ଷ କରିବା ପରେ ମୃତ୍ୟୁ ବରଣ କରିଥିବା ନେଇ ସ୍ଥାନୀୟ ମତ୍ସ୍ୟଜିବି ମାନେ ପ୍ରକାଶ କରିଛନ୍ତି । ଯଦି ସଠିକ ସମୟରେ ବନ ବିଭାଗ ପହଁଚି ଡଲଫିନଟିକୁ ଉଦ୍ଧାର କରିଥାନ୍ତା ତେବେ ଏହି ବିରଳ ପ୍ରଜାତିର ଡଲଫିନ ବଞ୍ଚି ଯାଇପାରିଥାନ୍ତା ବୋଲି ସ୍ଥାନୀୟ ମତ୍ସ୍ୟଜିବି ମାନେ କହିଛନ୍ତି । ପାରାଦୀପ ମାଛଧରା ବନ୍ଦର ମଧରେ ରହିଥିବା ଚାରି ନମ୍ବର ଜେଟି ମଧକୁ ଡଲଫିନଟି ପଶି ଆସିଥିଲା । ଜୁଆର ସମୟରେ ଜେଠି ମଧରେ ରହିଥିବା ଏକ ଭଙ୍ଗା ଟ୍ରଲରର ଷ୍ଟୋର ଭିତରେ ପଶି ଯାଇଥିଲା । ପାଣି ଫୁଲ ଥିବାରୁ ମତ୍ସ୍ୟଜିବି ମାନେ ଡଲଫିନଟିକୁ ଭଙ୍ଗା ବୋଟ ଭିତରୁ ବାହାର କରିବା କଷ୍ଟକର ହୋଇଥିଲା । ପାଣି କମିବା ପରେ ଡଲଫିନଟିକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ ମତ୍ସ୍ୟଜିବି । ସମୁଦ୍ର ମଧରେ ମଣିଷର ବନ୍ଧୁ ପାଲଟୁଥିବା ଏହି ବିରଳ ପ୍ରଜାତିର ଡଲଫିନଟିକୁ ଯଦି ଠିକ ସମୟରେ ବନ ବିଭାଗ ପହଁଚି ଉଦ୍ଧାର କରିଥାନ୍ତା ତେବେ ଏହି ଡଲଫିନଟି ବଞ୍ଚି ଯାଇ ପାରିଥାନ୍ତା ।

# ଚେନ୍ନାଇର ଚୋଲମଣ୍ଡଳ ଶିଳ୍ପୀଗ୍ରାମ ଠାରେ ଓଡିଶା ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ

## ଚିତ୍ରରେ ଚିତ୍ରରେ ଆଦିବାସୀ କଳା ଓ ସଂସ୍କୃତିର ଝଲକ




ଭୁବନେଶ୍ୱର,(ପି.ଏନ): ଚେନ୍ନାଇର ଚୋଲମଣ୍ଡଳ ଶିଳ୍ପୀଗ୍ରାମ ଆର୍ଟ ଗ୍ୟାଲେରୀଠାରେ ଓଡିଶାର ପ୍ରସିଦ୍ଧ ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର ଆମର କଳା ଓ ସ୍ଥାପତ୍ୟକୁ ନେଇ କିପରି ଶିଳ୍ପୀମାନେ ଭାରତର ପ୍ରମୁଖ ସହର ମାନଙ୍କରେ ପ୍ରଦର୍ଶନୀ କରି ନିଜକୁ ପ୍ରତିଷ୍ଠିତ କରିପାରିବେ ତାହା ପ୍ରକାଶ କରିଥିଲେ । ଏଥି ସହିତ ଓଡିଶା ଲଳିତ କଳା ଏକାଡେମୀର ଏଭଳି ପ୍ରୟାସକୁ ଭୂୟଶୀ ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ଦିଲୀପ କୁମାର ରାଉତରାୟ, ଚେନ୍ନାଇର ବିଶିଷ୍ଟ କବି, କଳା ସମୀକ୍ଷକ ଓ ଅନୁବାଦକ ଶ୍ରୀଯୁକ୍ତ ଇନ୍ଦ୍ରନ ରାଜେନ୍ଦ୍ରନ ଓ ଓଡିଶା ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଶିଳ୍ପୀମାନଙ୍କ ଚିତ୍ରକଳାକୁ ଅବଲୋକନ କରିବା ସହ ସେଥିରେ ଆଦିବାସୀ ଜନଜାତି ସଂସ୍କୃତି, ଫସଲ ଅମଳ, ନାଚ ଗୀତ, ପୂଜା ପାର୍ବଣ ଆଦି ବିଷୟ ବସ୍ତୁ ସବୁ ଖୁବ ମର୍ମସ୍ପର୍ଶୀ ହୋଇଛି ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ତଥା ଚିତ୍ରଶିଳ୍ପୀ ପଂଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଉକ୍ତ ପ୍ରଦର୍ଶନୀ ଦ୍ୱାରା ଶିଳ୍ପୀମାନେ କ୍ୟାନଭାସ ଉପରେ ଓଡିଶାର ଆଦିବାସୀ କଳା ଓ ସଂସ୍କୃତିକୁ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ବୋଲି କହିଥିଲେ । ପ୍ରକାଶ ଥାଉକି ଚୋଲମଣ୍ଡଳ ଶିଳ୍ପୀଗ୍ରାମ ଠାରେ ଗତ ଜୁଲାଇ ୧୪ ତାରିଖଠାରୁ ଆରମ୍ଭ ହୋଇଥିବା ଆଦିବାସୀ ଚିତ୍ରକଳା ଶିବିରରେ ଶିଳ୍ପୀମାନେ ୩ ଦିନ ଧରି ଅଙ୍କନ କରିଥିବା ଚିତ୍ରଗୁଡିକୁ ନେଇ ଆୟୋଜିତ ହୋଇଥିଲା ଏହି ପ୍ରଦର୍ଶନୀ । ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ୨୫ ଜଣ ଆଦିବାସୀ ଶିଳ୍ପୀ ଏଠାକାର ପ୍ରଦର୍ଶନୀ ଗୃହ ଓ ଆର୍ଟ ଗ୍ୟାଲେରୀ ବୁଲି ଦେଖିଥିଲେ । ଏହି ପ୍ରଦର୍ଶନୀ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିବ ।

# ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ) : ଆଜି ସ୍ଥାନୀୟ ବୁଲନ୍ ଭାଇ ସେବା ସଭାଗୃହରେ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରାଯାଇଥିଲା । ମହାସଂଘର ରାଜ୍ୟସଭାପତି ବିଷ୍ଣୁଚରଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ ଆଧାତ୍ମିକ ଯୋଗଗୁରୁ ବାବା ପଞ୍ଚଦେବ ଓ କଟକ ଜିଲ୍ଲା ସଂକୀର୍ତ୍ତନ ସଂଘର ସମ୍ପାଦକ ସଂଜୟ ଦାସ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଆଜିର ସାମ୍ବାଦିକ ସମ୍ମିଳନୀ ଡାକିବାର ଉଦ୍ଦେଶ୍ୟ ମଧ ପ୍ରକାଶ କରିଥିଲେ । ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ତା'ର ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦେବା, ରାଜ୍ୟରେ ଥିବା ୨ଲକ୍ଷରୁ ଉର୍ଦ୍ଧ୍ୱ କୀର୍ତ୍ତନ କଳାକାରମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ସରକାରଙ୍କୁ ଜଣାଇବା ଓ ଦାବି ପୂରଣ ନ ହେଲେ ଆଗାମୀ ବିଧାନସଭା ଅଧିବେଶନ ସମୟରେ ମହାସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନରେ ସାମିଲ୍ ହେବା ବିଷୟରେ ସଭାପତି ଶ୍ରୀ ବିଷ୍ଣୁଚରଣ ମହାନ୍ତି ସୂଚନା ଦେଇଥିଲେ । ଆମେ ସବୁ ସଂକୀର୍ତ୍ତନ କଳାକାରମାନେ ଏକାଠି ଅଛୁ, ସରକାର ଆମକୁ କଳାକାର ଭତ୍ତା ଦେବା ଉଚିତ୍ ବୋଲି କହିଛନ୍ତି ସଭାପତି ଶ୍ରୀ ମହାନ୍ତି । ସରକାର ଆମ ପାଇଁ ବହୁତ କିଛି କରିଛନ୍ତି, ଆମ କଳାକୁ ଲୋକକଳାରେ ସାମିଲ୍ କରିଛନ୍ତି, ଆହୁରି ଆମ୍ଭମାନଙ୍କ ଭିତରୁ କିଛି ଭତ୍ତା ପାଇନାହାନ୍ତି ବୋଲି କହିବା ସହ ସେମାନଙ୍କୁ ଭତ୍ତା ଦିଆଯାଉ, ଆମ୍ଭକୁ ବ୍ଲକ କଳା ସଂସ୍କୃତି ସଂଘ ଓ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ପଦରେ ରଖାଯାଉ ବୋଲି ଦାବି ଜଣାଇଛନ୍ତି ସଂଘର କଟକ ଜିଲ୍ଲା ସମ୍ପାଦକ ସଂଜୟ କୁମାର ଦାସ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସଂକୀର୍ତ୍ତନ ସମସ୍ତଙ୍କ ପାଇଁ ଆବଶ୍ୟକ ପଡ଼େ । ଏହି କଳା ସର୍ବଶ୍ରେଷ୍ଠ କଳା । ସମୁଦାୟ ୨୬ଟି କଳା ମଧ୍ୟରୁ ସଂକୀର୍ତ୍ତନ କଳାର ଅବଦାନ ଓ ଚାହିଦା ସମାଜରେ ଅଧିକ ଦେଖାଯାଇଥାଏ ବୋଲି କହିଛନ୍ତି ସମ୍ପାଦକ ଶ୍ରୀ ଦାସ । ସେହିଭଳି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଆମ ସଂକୀର୍ତ୍ତନ ସଂଘ ୨୮ଟି ଜିଲ୍ଲାରେ ଅଛି । ଆମ ସଂଘ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଅଛି, ସରକାର ଆମ ପାଇଁ ମଧ ବହୁତ କିଛି କରିଛନ୍ତି, ଆହୁରି କିଛି କରିବାକୁ ବାକି ଅଛି । ହେଲେ ଆମ ଭିତରୁ କିଛି ଭାଇମାନେ ଅବୁଝା ହୋଇ ସରକାରଙ୍କ ବିରୁଦ୍ଧରେ ନାନା ମନ୍ତବ୍ୟ ଦେଉଥିବାରୁ କ୍ଷୋଭ ପ୍ରକାଶ କରିବା ସହ ସରକାରଙ୍କ ବିରୋଧରେ ଭୁଲ୍ ତଥ୍ୟ ପ୍ରଚାର ନ କରିବା ପାଇଁ ସବୁ ସଂକୀର୍ତ୍ତନ କଳାକାର ଭାଇମାନଙ୍କୁ ଅନୁରୋଧ କରିଛନ୍ତି ମହାସଂଘର ଉପଦେଷ୍ଟା ବାବା ପଞ୍ଚଦେବ । ଗତ ୧୪ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଅନ୍ୟାନ୍ୟ ଅଫିସରମାନଙ୍କୁ କଳାକାରମାନଙ୍କ ସବୁ ସମସ୍ୟା ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଉପଦେଷ୍ଟା ଶ୍ରୀପଞ୍ଚଦେବ

## କେନ୍ଦୁଝର ପାଇଁ ଗୌରବ ଆଣିଲେ ମିମାଂସା: ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ କଲେ ସ୍ୱର୍ଣ୍ଣ ପଦକ

କେନ୍ଦୁଝର , (ପି.ଏନ): କେନ୍ଦୁଝର ଝିଅ ମିମାଂସା ପଟ୍ଟନାୟକ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ଇଂଲିସ ଅନର୍ସରେ ଫାଷ୍ଟ କ୍ଲାସ ଫାଷ୍ଟ ପୋଜିସନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବାରିପଦାସ୍ଥିତ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବାଦର ପ୍ରତିଷ୍ଠାତା ସଂପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମିମାଂସାଙ୍କୁ ସ୍ୱର୍ଣ୍ଣ ପଦକ ସହ ସାର୍ଟିଫିକେଟ ପ୍ରଦାନ କରି ସମ୍ମାନିତ କରିଛନ୍ତି ।

# ଯୁବ ପରିବେଶବିତ ଡଃ ଅୟସକାନ୍ତ ରାୟଙ୍କ ପରଲୋକ

ପାରାଦୀପ,(ପି.ଏନ): ପାରାଦୀପର ଯୁବ ପରିବେଶବିତ ଡଃ ଅୟସକାନ୍ତ ରାୟ(୪୫) ଶ୍ରଦ୍ଧା ନାମ ପପି ରାୟଙ୍କ କଟକସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ରବିବାର ଦିନ ସକାଳେ ପରଲୋକ ହୋଇଯାଇଛି । ଶ୍ରୀ ରାୟ ଦୀର୍ଘ ଦିନ ହେବ କିଡନୀ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ନିମନ୍ତେ ସାଧାରଣରେ ସଚେତନତା ସୃଷ୍ଟି କରିବା ସହ ଏ କ୍ଷେତ୍ରରେ ଏକ ବିପ୍ଳବ ଆରମ୍ଭ କରିଥିଲେ ଅୟସକାନ୍ତ । ଏତଦବ୍ୟତିତ ସେ ପାରାଦୀପରେ ବହୁ ଅବହେଳିତ ପୁରାତନ ବୃକ୍ଷକୁ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରି ଗଛ ଗୁଡିକୁ ପୁନର୍ଜୀବିତ କରି ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ବିଭିନ୍ନ ସମୟରେ ପରିବେଶ ସୁରକ୍ଷାକୁ ଅନେକ ସଚେତନତା ଆନ୍ଦୋଳନ କରି ବେସ ଚର୍ଚ୍ଚିତ ହୋଇଥିଲେ ଅୟସକାନ୍ତ । ତେବେ ତାଙ୍କର ଏହି ନିସ୍ୱାର୍ଥପର ପ୍ରଚେଷ୍ଟା ଯୋଗୁଁ ସ୍ଥାନୀୟ ଅଂଚଳରେ ସବୁଜିମା ବୃଦ୍ଧି ପାଇବା ସହ ଅନ୍ୟମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ ଓ ଆଦର୍ଶ ପାଲଟିଥିଲେ । ତାଙ୍କର ଏହି ଉଦ୍ୟମ, ପ୍ରଚେଷ୍ଟା ଓ ମହତ କାର୍ଯ୍ୟ ପାଇଁ ସେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ପ୍ରଶଂସିତ ଓ ପୁରସ୍କୃତ ହୋଇ ଡକ୍ଟରେଟ ଉପାଧି ହାସଲ କରିଥିଲେ । ତାଙ୍କ ବିୟୋଗରେ ସମଗ୍ର ପାରାଦୀପ ଅଂଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବିଜେପି ନେତା ସମ୍ପଦ ସ୍ୱାଇଁ, ପରିବେଶବିତ ଇଂ ଅମରେଶ ନରେଶ ସାମନ୍ତଙ୍କ ସମେତ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ ଓ ପରିବେଶବିତ ମାନେ ଶୋକ ବ୍ୟକ୍ତ କରିଛନ୍ତି । ସୂଚନା ଥାଉକି, ସ୍ୱର୍ଗତ ଅୟସକାନ୍ତଙ୍କ ବଡଭାଇ ଶ୍ରୀକାନ୍ତ ରାୟ ପାରାଦୀପ ବନ୍ଦରର ଜଣେ କର୍ମଚାରୀ ଓ ବନ୍ଦର ବୋର୍ଡର ଶ୍ରମିକ ପ୍ରତିନିଧି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ମା, ବଡଭାଇ, ଭଉଣୀ ଏବଂ ପତ୍ନୀ ଉପସ୍ଥିତ ଥିଲେ ।

# କୁଡ କୁଡ ଅଳିଆ ଆବର୍ଜନାରେ ଗାଙ୍ଗୋତ୍ରୀ ନଗର ବାସୀ ଅଣନିଶ୍ୱାସୀ



ଭୁବନେଶ୍ୱର ,(ପି.ଏନ) ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ୧ ନମ୍ବର ୱାର୍ଡ ଯଥା ଗାଙ୍ଗୋତ୍ରୀ ନଗର ରୋଡ ନଂ-୩ ଅଳିଆ ଅବର୍ଜନା ରାସ୍ତା କଡରେ ପଡିରହୁଛି, ଯାହା ଫଳରେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯେହେତୁ ଏଇଟା ପଂଚାୟତ ଅଂଚଳ ମ୍ୟୁନିସିପାଲିଟି ଭଳିଆ ସ୍ୱଚ୍ଛତା ଉପରେ କେହି ଗୁରୁତ୍ୱ ଦେଉନାହାଁନ୍ତି । ଡଷ୍ଟବିନ୍ ଥାଇ ନଥିଲା ଭଳି । ଡଷ୍ଟବିନ୍ ବହୁଦିନ ଅଳିଆ ଆବର୍ଜନାରେ ଭର୍ତି ହୋଇରହିଥିବା ବେଳେ ମଧ ତାଙ୍କୁ ସଫା କରିବା ପାଇଁ ପ୍ରଶାସନ କିମ୍ବା ପଂଚାୟତ ତରଫରୁ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡେଙ୍ଗୁ, ମ୍ୟାଲେରିଆ, ହଇଜା ଇତ୍ୟାଦି ମହାମାରୀ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହେଉଛି । ବହୁ ବରିଷ୍ଠ ନାଗରିକ, କୁନି ପିଲା ଏହି ଅଂଚଳରେ ରହୁଥିବାବେଳେ ଅଳିଆ ଆବର୍ଜନା ରାସ୍ତା କଡରେ ପଡି ରହୁଥିବାବେଳେ ପ୍ରବଳ ଦୁର୍ଗନ୍ଧ ବ୍ୟାପୁଛି । ପଚା ସଢା ଜିନିଷ ବହୁଦିନ ହେଲା ପଡିରହିଛି । ଡଷ୍ଟ୍ବିନ୍ ବସେଇକି ପ୍ରଶାସନ ସ୍ଥାନୀୟ ପଂଚାୟତ କିଭଳି ଭାବେ ଡଷ୍ଟବିନ ସଫା ହେବ ତାକୁ ତଦାରଖ କରିବା ପାଇଁ କୌଣସି ଭିତିଭୂମି ନାହିଁ । ମଶା ଏବଂ ବହୁ ଜନ୍ତୁମାନଙ୍କର ପ୍ରାଦୁର୍ଭାବ ଏହି ଅଳିଆ ଆବର୍ଜନାରୁ ସୃଷ୍ଟି ହେଉଥିବା ସାଧାରଣ ଲୋକମାନେ କହୁଛନ୍ତି । ରାଜ୍ୟ ସରକାର ସ୍ୱଚ୍ଛତାକୁ ନେଇ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବରେ ଏକ ଧୁଆଁବାଣ ବୋଲି ପ୍ରଚାର ହେଉଛି । ଡଷ୍ଟବିନ୍ ଥାଇ କି ନଥିବା ଭଳି । ଗାଙ୍ଗୋତ୍ରୀ ନଗର ରୋଡ ନଂ-୩ରେ ମାତ୍ର ଗୋଟିଏ ଡଷ୍ଟିବନ ହୋଇଥିବାରୁ ଅଳିଆ ଆବର୍ଜନା ପକାଇବା ପାଇଁ ସାଧାରଣ ଲୋକମାନେ ବହୁତ ହଇରାଣ ହରକତ ହେଉଛନ୍ତି । କତ କିଛି ମାସ ତଳେ ବିଡିଓ ମହୋଦୟ ଲିଙ୍ଗିପୁର ଏବଂ ନାଥପୁରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ । ଗାଙ୍ଗୋତ୍ରୀ ନଗର ପ୍ରତି ସାବତ ପୁଅ ଭଳି ବ୍ୟବହାର କରୁଥିବା ସାଧାରଣରେ ଆଲୋଚନା ହେଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗାଙ୍ଗୋତ୍ରୀ ନଗର ଡେଭୋଲପମେଂଟ କମିଟି ଥିଲେ ମଧ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଧ୍ୟାନ ନଦେଇ ଚୁପ ହୋଇ ବସିଛନ୍ତି । ଯାହାକି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏଣିକି ଜଲ୍ଲାପାଳ ମହୋଦୟ ଓ ଏକ୍ରାମ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଗାଙ୍ଗୋତ୍ରୀ ନଗର ଡଷ୍ଟବିନ ସଂଖ୍ୟାକୁ ବୃଦ୍ଧି କରିବାକୁ ଏବଂ ଡଷ୍ଟବିନ୍ ସଫା କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ବାସୀମାନେ ନିବେଦନ କରିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray